**୫ ଗୋରୁ ଜୀବନ୍ତ ଦଗ୍ଧ**

ରାଜନଗର,(ଡି.ଏନ.ଏ.)-ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଯଦୁଚନ୍ଦ୍ରପୁର ଗାଁରେ ଅଗ୍ନିକାଣ୍ଡ ଘଟି ବଟକୃଷ୍ଣ ରାଉତ ଓ ପଞ୍ଚାନନ ରାଉତଙ୍କ ଗୁହାଳ ଓ ରୋଷେଇ ଘରେ ନିଆଁ ଲାଗି ଯାଇଥିଲା। ଏଥିରେ ବଟକୃଷ୍ଣଙ୍କ ୨ ଗୋରୁ ଓ ପଞ୍ଚାନନଙ୍କ ୩ ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ପଞ୍ଚାନନଙ୍କ ପୁଅ ପ୍ରଦୀପ ଗାଈଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତର ହୋଇଛନ୍ତି। ଗୁରୁବାର ଅଡାସଲ ଗାଁ ଧାନ ଖଳାରେ ଅଗ୍ନିକାଣ୍ଡ ଘଟି ୩ ବର୍ଷର ଶିଶୁ ଜୀବନ୍ତ ଦଗ୍ଧ ହୋଇଥିଲେ । ଶିଶୁ କନ୍ୟାର ବାପା, ମାଆ ଓ ଭଉଣୀ ନିଆଁରେ ପୋଡି ହୋଇ ଚିକିତ୍ସିତ ହେଉଛନ୍ତି ।

## ଆଜି କ'ଣ କେଉଁଠି

ଖଣ୍ଡପଡ଼ା

- -ଶ୍ରୀରାମଙ୍କ ୧୬ତମ ବାର୍ଷିକ ଉତ୍ସବ, ଖଣ୍ଡପଡା ବ୍ଲକ୍, ବସନ୍ତପୁର, ସମୟ-ସକାଳ ୮ଟା
- -ମା'ମହାମାୟାଙ୍କ ୯ମ ବାର୍ଷିକ ଉତ୍ସବ, ଶାଳଝରିଆ ପଞ୍ଚାୟତ, କଇଁଥପଲ୍ଲୀ, ସମୟ ସକାଳ-୮ଟା ।

## ସଂକ୍ଷେପରେ

### ବଳାତ୍କାରୀ ଜେଲ ଗଲେ

**ନୟାଗଡ ଅଫିସ,୩୦।୧:** ବଳାତ୍କାର ଅଭିଯୋଗରେ ନୟାଗଡ ଜିଲାର ନୂଆଗାଁ ଥାନା ପୋଲିସ ଖାଲମଡା ନିକଟସ୍ଥ ବୁଢ଼ାବାରି ଗାଁର ପ୍ରମୋଦ ଜାନି(୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ପ୍ରମୋଦଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ପ୍ରମୋଦ ନିଜର ଜଣେ ସମ୍ପର୍କୀୟ ୨୨ ବର୍ଷର ଯୁବତୀଙ୍କୁ ବଳାତ୍କାର କରିଥିଲେ। ଘଟଣା ନ ଜଣାଇବାକୁ ସେ ଧମକ ଦେଇଥିଲେ । ଏପରି କି ବାହା ହେବାକୁ ପ୍ରତିଶ୍ରୁତି ଦେଇଥିଲେ । ପୀଡିତା ୭ମାସର ଗର୍ଭବତୀ ଅଛନ୍ତି । ପ୍ରମୋଦ ତାଙ୍କୁ ବିବାହ ନ କରି ପ୍ରତାରଣା କରିବା ପରେ ପୀଡିତା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଉଭୟଙ୍କୁ ଡାକ୍ତରୀ ମାଇନା କରିଛି ।

### କୃଷକ ସଭାର ଗଣଧାରଣା

**ନୟାଗଡ ଅଫିସ,୩୦।୧:** ଗାନ୍ଧିଜୀଙ୍କ ବଳିଦାନ ଦିବସରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଶନିବାର ନୟାଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆନ୍ଦୋଳନକାରୀମାନେ ଆହ୍ୱାନ କରିଥିଲେ । ଏହି ଅବସରରେ ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ କରାଯାଇଥିଲା । ଏହି ଆନ୍ଦୋଳନକୁ ଦିଗଭ୍ରଷ୍ଟ କରିବାକୁ ସରକାରୀ ପ୍ରାୟୋଜିତ ଟ୍ରାକ୍ଟର ରାଲି, ଗୁଣ୍ଡାମୀ ଓ ଲାଲକିଲ୍ଲା ଉପରେ ଧର୍ମୀୟ ପତାକା ଉତ୍ତୋଳନ କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଥିଲେ । ସଙ୍ଗଠନର ଜିଲା ସଭାପତି ଗୋଲକ ବିହାରୀ ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଶ୍ୱନାଥ ମହାପାତ୍ର, ପବିତ୍ର ଇନ୍ଦ୍ରଜିତ୍, ଏସ.ଏ. କରିମ, ଜ୍ୟୋତିପ୍ରଭା ଜେନା, ବୁଦ୍ଧି ନାୟକ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ ।

### ପୋର୍ଟ ଶ୍ରମିକ ସଂଘର ୫୬ତମ ବାର୍ଷିକ ସମ୍ମିଳନୀ

**ପାରାଦୀପ,୩୦।୧(ସ୍ୱ.ପ୍ର.):** ସ୍ଥାନୀୟ ମଧୁବନସ୍ଥ ଶ୍ରମିକ ଭବନ ପରିସରରେ ଶନିବାର ପୋର୍ଟ ଶ୍ରମିକ ସଂଘର ୫୬ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଂଘର ଆଗଧାଡିର କର୍ମକର୍ତ୍ତାମାନେ ଯୋଗଦେଇ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ୨୦୨୦-୨୧ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ରାମ ଶଙ୍କର, କାର୍ଯ୍ୟକାରୀ ସଭାପତି ବସନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ନନ୍ଦଲାଲ ସିଂ, ଉପସଭାପତି ଭାବେ ଚିତ୍ତରଞ୍ଜନ ବିଶ୍ୱାଳ, ମହେଶ୍ୱର ସୋରେନ, ବିଜୟ କୁମାର ରଥ ଏବଂ ସମ୍ପାଦକ ମଣ୍ଡଳୀରେ ବିଶ୍ୱରଞ୍ଜନ ଦାସ, ତପନ କୁମାର ପାତ୍ର, ବିଚିତ୍ର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା।

### କ୍ରିକେଟ୍: ତେଲବାହାଲି ଚାମ୍ପିୟନ

**ରସୁଲପୁର,୩୦।୧(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ ପାରିକଇଁଚି ଖେଳପଡ଼ିଆରେ ଚାଲିଥିବା ୧୨ତମ ରାକେଶ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ତେଲବାହାଲି କ୍ରିକେଟ ଦଳ ଘରୋଇ ପାରିକଇଁଚି ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଘରୋଇ ଦଳ ଟସ୍ ଜିତି ୧୬ ଓଭରରେ ୮ ଉଇକେଟ ହରାଇ ୧୩୦ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ୧୫ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଟ୍ରଫି ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ସମ୍ମାନିତ ଅତିଥି ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ, ପୂର୍ବତନ ସରପଞ୍ଚ ଶିଶିର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପାରିକଇଁଚି ରାକେଶ ମେମୋରିଆଲ ଅନୁଷ୍ଠାନର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଦୁର୍ଘଟଣା ବଢୁଛି, ରାସ୍ତା ସଙ୍କୁଚିତ ହେଉଛି

**ପାରାଦୀପ-ଚଣ୍ଡିଖୋଲ ୫ ନଂ. (କ) ଜାତୀୟ ରାଜପଥ**



**ପାରାଦୀପ, ୩୦।୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦରକୁ ସଂଯୋଗ କରୁଥିବା ଚଣ୍ଡିଖୋଲ-ପାରାଦୀପ ୫ ନଂ.(କ) ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ୪ ଲେନ୍ ବିଶିଷ୍ଟ ଏହି ରାଜପଥରେ ବିଭିନ୍ନ କାରଣରୁ ପ୍ରତିଦିନ ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା ଘଟୁଛି। ବିଶେଷକରି ପାରାଦୀପର ଅଠରବାଙ୍କିଠାରୁ ଭୂତମୁଣ୍ଡାଇର ମହାନଦୀ ପୋଲ ପର୍ଯ୍ୟନ୍ତ ରାସ୍ତା ଉପରେ ଅସଂଖ୍ୟ ଖାଲଖମା, ଭାରିଯାନ ପାର୍କିଂ, ଧୂଳି, ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ ଆଦି ରହିଛି। ଉକ୍ତ ରାସ୍ତାର ମରାମତି ଓ ସୁରକ୍ଷା ପାଇଁ ସେପରି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ ବୋଲି ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଏ ନେଇ ଦୁଇବର୍ଷ ମଧ୍ୟରେ ଆହ୍ୱାନ କମ୍ପାଇନ୍ସ ପକ୍ଷରୁ ଏକାଧିକ ଚିଠି ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜପଥ କର୍ତ୍ତୃପକ୍ଷ ପ୍ରଭୃତିଙ୍କୁ ଦେବା ପରେ ଡିସେମ୍ବରରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଚଣ୍ଡିଖୋଲରୁ ପାରାଦୀପ ଆଡକୁ କାମ ଚାଲିଥିବାରୁ ଉକ୍ତ ମରାମତି ଏବେ କେନ୍ଦ୍ରାପଡ଼ା ଜିଲାର କେନାଲ ବ୍ରିଜ୍ ପର୍ଯ୍ୟନ୍ତ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ପାରାଦୀପ ପର୍ଯ୍ୟନ୍ତ କାମ ହେବ ବୋଲି ରାଜପଥ ପକ୍ଷରୁ କୁହାଯାଇଛି।

୧୯୬୭ରେ ଏହି ରାସ୍ତାକୁ ଜାତୀୟ ରାଜପଥ କରାଯାଇଥିଲା। ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ପାରାଦୀପ ବନ୍ଦର ପକ୍ଷରୁ ଦିଆଯାଇଥିଲା ବୋଲି ରାଜପଥର ସାଇଟ୍ ଇଞ୍ଜିନିୟର ବିଶ୍ୱଭୂଷଣ ବିଶ୍ୱାଳ କୁହନ୍ତି। ଏହି କ୍ରମରେ ରାସ୍ତାର ସମସ୍ତ ପ୍ରକାର ମରାମତି କିମ୍ବା ସମ୍ପ୍ରସାରଣ ହେଲେ ପାରାଦୀପ ବନ୍ଦର ପ୍ରସ୍ତାବ ଦେବା ସହ ଅର୍ଥ ଦେବ। ୨୦୦୯ ପର୍ଯ୍ୟନ୍ତ ଏହି ରାସ୍ତା ୱାନ୍ ୱେ ଥିଲା। ପରେ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାରେ ୪ ଲେନ ହୋଇଛି। ରାସ୍ତାରେ ପ୍ରତିଦିନ ଭାରିଯାନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପାରାଦୀପ ବନ୍ଦର ଓ ଅନ୍ୟ ଶିଳ୍ପସଂସ୍ଥାକୁ ପଣ୍ୟ ନେବା ଆଣିବା ପାଇଁ ଏବେ ଦିନକୁ ୧୨ରୁ ୧୪ ହଜାର ଗାଡି ଏହି ରାସ୍ତାରେ ଗଡୁଛି। ଯେଉଁଥିପାଇଁ ସବୁବେଳେ ଭାରିଯାନ ପାରାଦୀପଠାରୁ କେନ୍ଦ୍ରାପଡ଼ା ଜିଲାର ଦୁହୁରିଆ ପର୍ଯ୍ୟନ୍ତ ଧାଡିରେ ରହିଥାନ୍ତି। ସେହି ଗାଡିଗୁଡିକ ମଧ୍ୟରୁ ଅଧିକାଂଶ ଶୀଘ୍ର ପହଞ୍ଚିବା ପ୍ରତିଯୋଗିତାରେ ରାଜପଥକୁ ଅବରୋଧ କରି ଦେଉଛନ୍ତି। ସେତେବେଳେ ସାଧାରଣ ଯାନ ଭିତରେ ପଡିବା ସହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପାରାଦୀପଠାରୁ ଦୋଛକି ପର୍ଯ୍ୟନ୍ତ ୩ ଥାକିଆ ରାସ୍ତା ରହିଛି। ଏହି ରାସ୍ତା ସବୁବେଳେ ଗହଳିଚହଳି ଲାଗି ରହୁଛି। ଗାଡିରୁ ନିର୍ଗତ ପଣ୍ୟ ରାସ୍ତାରେ ପଡି ତାହା ଧୂଳି ବଳୟ ସୃଷ୍ଟି କରୁଛି। ସେହି ଧୂଳି ଆସ୍ତରଣ ପ୍ରାୟ ୫-୬ କି.ମି. ପର୍ଯ୍ୟନ୍ତ ଆଚ୍ଛାଦିତ ହୋଇ ରହୁଛି। ସେତିକି ରାସ୍ତା ଖୋଲା ଗାଡିରେ ଗଲେ ପୋଷାକର ରଙ୍ଗ ବଦଳି ଯାଉଛି। ଏଭଳି ଧୂଳି ପ୍ରଦୂଷଣକୁ ନିୟନ୍ତ୍ରଣ କରିବାକୁ ୨୦୧୮ରେ ତତ୍କାଳୀନ ଜିଲାପାଳ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମସ୍ତ ଶିଳ୍ପସଂସ୍ଥାକୁ ନେଇ ବୈଠକ କରିଥିଲେ। ସାଢେ ୪ କିମି ରାସ୍ତାରେ ସବୁଦିନ ଧୂଳି ସଫା କରିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ନିୟମ ଏ ପର୍ଯ୍ୟନ୍ତ ବଳବତ୍ତର ଅଛି। ରାସ୍ତାର ନିର୍ଦ୍ଦିଷ୍ଟ ସୀମା ବୃହତ୍ ଶିଳ୍ପଗୁଡିକ ସେମାନଙ୍କ ଖର୍ଚ୍ଚରେ ଧୂଳି ସଫା କରୁଛନ୍ତି। ଅପରପକ୍ଷେ ସେହି ରାସ୍ତାକୁ ରାଜପଥ କର୍ତ୍ତୃପକ୍ଷ ସଫା କରୁଛନ୍ତି ବୋଲି କହୁଛନ୍ତି। ହେଲେ ରାସ୍ତା ଉପରେ ଧୂଳି ରହୁଛି। ଇଞ୍ଜିନିୟର ବିଶ୍ୱାଳ କୁହନ୍ତି, ରାସ୍ତା ଉପରେ ଗାଡି ରହୁଥିବାରୁ ଧୂଳି ସଫା କରିବା ସହଜ ହେଉନାହିଁ। ଚଳିତବର୍ଷ ଏହି ରାସ୍ତା ୬ ଲେନ୍ ହେବ। ଏଥିପାଇଁ ୧୨୭୦ କୋଟି ଟଙ୍କା ଏଷ୍ଟିମେଟ୍ କରାଯାଇଛି। ଏବେ ଟେଣ୍ଡର ପ୍ରକ୍ରିୟା ଜାରି ହୋଇଛି। ୬ ଲେନ୍ କାମ ଶେଷ ହେଲେ ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇଯିବ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## 'ପ୍ରଚାର, ପ୍ରସାର ପୀଠର ଗୁରୁତ୍ୱ ବଢ଼ାଇଥାଏ'

**ଖଣ୍ଡପଡା,୩୦।୧(ସ୍ୱ.ପ୍ର)**

ଶ୍ରୀଜଗନ୍ନାଥ ଜୀଉଙ୍କ ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠକୁ ବୁଝାଇଥାଏ। ଏହି ପୀଠର ଐତିହ୍ୟକୁ ତଥା ଶ୍ରୀନୀଳମାଧବ ଜୀଉଙ୍କ ପ୍ରାମାଣିକ ତଥ୍ୟକୁ ଲୋକଲୋଚନକୁ ଆଣିବାକୁ ଓ ପୀଠର ବିଭିନ୍ନ ବିକାଶ ତଥା ଉନ୍ନତିମୂଳକ କାର୍ଯ୍ୟକ୍ରମ ପାଇଁ ପ୍ରୟାସ ଜାରି ରହିବ। ଶ୍ରୀନୀଳମାଧବ ପୀଠରେ ଅନୁଷ୍ଠିତ ବିଭିନ୍ନ ରୀତିନୀତି ସମ୍ପର୍କରେ ପ୍ରଚାର ପ୍ରସାର ପାଇଁ ରାଜ୍ୟ ଓ ଜିଲା ପ୍ରଶାସନିକ ସ୍ତରରେ ଗୁରୁତ୍ୱ ଦିଆଯିବ ବୋଲି ଗୁରୁବାର ପବିତ୍ର ପୌଷ ପୂର୍ଣ୍ଣମୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲ। ତାଳଚେରବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥସାରଥି ହାଁସଦା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀଧର ମଲ୍ଲିକ, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ସରୋଜ କୁମାର ମିଶ୍ର, ଦେବୋତ୍ତର ମ୍ୟାନେଜର ହରିହର ଦାଶ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ ଶ୍ରୀନୀଳମାଧବ ପୀଠର ଉନ୍ନତି ଓ ବିକାଶ ଉପରେ ସରକାର ଓ ପ୍ରଶାସନିକ ସ୍ତରରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ । ସାସ୍ୱତ ଯୋଷୀ ଓ ସାଥୀମାନଙ୍କ ଦ୍ୱାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଦୀର୍ଘ ସମୟ ଧରି ବାନ୍ଧି ରଖିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ମନୋଜ କୁମାର ମିଶ୍ର, କୋଷାଧ୍ୟକ୍ଷ ଶ୍ରବଣରାମ ମିଶ୍ର, ଉପସଭାପତି ନୀଳମାଧବ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହେଯାଗ କରିଥିଲେ।

# ଅଙ୍ଗନୱାଡି କର୍ମୀଙ୍କ ସମସ୍ୟା ସମାଧାନ ହେବ



ବୈଠକରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ଯାଜପୁର ଟାଉନ,୩୦।୧(ଡି.ଏନ.ଏ.)**

ଯାଜପୁର ବିରଜା କଲ୍ୟାଣମଣ୍ଡପଠାରେ ବିଜୁ ସାମ୍ମୁଖ୍ୟ ସଂଗଠନ ସହ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସାମ୍ମୁଖ୍ୟ ପକ୍ଷରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଯାଜପୁର ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ଯୋଗଦେଇ ଅଙ୍ଗନୱାଡି କର୍ମୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର କର ଯୋଗଦେଇଥିବାବେଳେ ଯାଜପୁର ଜିଲା ସଭାନେତ୍ରୀ ପଦ୍ମିନୀ ତ୍ରିପାଠୀ, ରଞ୍ଜୁଲତା ନାୟକ, ଗୋପା ଦେଓ, ସୁଜାତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପଣ୍ଡା ଯାଜପୁରରେ ଫେବୃୟାରୀରେ ଜିଲା ସମ୍ମିଳନୀ କରାଯିବା ପାଇଁ ପ୍ରସ୍ତାବ ଦେଇଥିବା ବେଳେ ଅଙ୍ଗନୱାଡି କର୍ମୀଙ୍କ ସମସ୍ୟା ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି କହିଥିଲେ। ବୈଠକକୁ ଶୁଭଶ୍ରୀ ଘଡ଼ାଇ ପରିଚାଳନା କରିଥିଲେ।

## ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ

**ଜଗତ୍‌ସିଂହପୁର,୩୦।୧**

ଜଗତ୍‌ସିଂହପୁର ବ୍ଲକ ଜାହାନପୁରସ୍ଥିତ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୮୧ ବ୍ୟାଚ୍ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୮୦ ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଇତ୍ୟ ଅବସରରେ ଛାତ୍ରୀଛାତ୍ର ବିଗତ ଦିନର ସ୍ମୃତିକୁ ମନେପକାଇବା ସହ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଭିତରେ କିଭଳି ସ୍କୁଲର ପରିଚୟ ବ୍ୟାପକ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ରବି ରଥ ଓ ପ୍ରଦୀପ୍ତ ବସ୍ତିଆଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦୀପ୍ତ ତ୍ରିପାଠୀ, କୈଳାସ ଚନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ପଣ୍ଡା ଓ ସୁଦାମ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସାମାନ୍ୟ ବଚସାରୁ ଘର ଜାଳି ଦେଲେ ଯୁବକ

**ଯାଜପୁର ଟାଉନ,୩୦।୧(ଡି.ଏନ.ଏ.)**

**ଅଳ୍ପକେ ବର୍ତ୍ତିଲେ ୩ ପରିବାର**

ରାଗ ମଣିଷକୁ କିପରି ଚଣ୍ଡାଳ ରୂପ ଦିଏ ତା'ର ଏକ ଉଦାହରଣ ଦେଖାଯାଇଛି ଯାଜପୁର ସହରର ସାନବଜାର ଅଞ୍ଚଳରେ। ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ବଚସା ହେବା ଓ ପରବର୍ତ୍ତୀ ସମୟରେ ଜଣେ ଯୁବକ ପ୍ରତିଶୋଧ ପରାୟଣ ହୋଇ ଘର ପୋଡିଦେବା ଭଳି ଅଭାବନୀୟ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅଭିଯୋଗ ମୁତାବକ, ୨୮ ତାରିଖ ରାତିରେ ଯାଜପୁର ସହର ସାନବଜାର ଅଞ୍ଚଳର ଶିବ ଦେଓ ଏବଂ ସୁରେନ୍ଦ୍ର ଦେଓଙ୍କ ପରିବାର ଶୋଇଥିବା ଅବସ୍ଥାରେ ହଠାତ୍ ତାଙ୍କ ଘରେ ନିଆଁ ଲାଗିଥିଲା। ସୁରେନ୍ଦ୍ରଙ୍କ ନାତି ସଞ୍ଜୀବ ଶୌଚ ହେବା ପାଇଁ ଘର ପଛ ପାଇଖାନାକୁ ଯାଇଥିବା ବେଳେ ପଡୋଶୀ ଯୁବକ ଅଜୟ ଦେ ନିଆଁ ଲଗାଇ ଦୌଡି ପଳାଉଥିବା ଦେଖିଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ଉଭୟ ପରିବାର ଗାଁ ଲୋକଙ୍କୁ ଡାକ ପକାଇଥିଲେ। ପରେ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସୁରେନ୍ଦ୍ରଙ୍କ ଘର ଜଳି ପାଉଁଶ ହୋଇ ଯାଇଥିଲା। ତେବେ ଏହି ଘଟଣାର ୨ ଦିନ ପୂର୍ବରୁ ଉଭୟ ଅଜୟ ଓ ଶିବଙ୍କ ପରିବାର ମଧ୍ୟରେ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ବଚସା ହୋଇଥିଲା। ଏହି ସମୟରେ କୁଆଡ଼େ ଅଜୟ ଶିବଙ୍କ ଘରେ ନିଆଁ ଲଗାଇ ଦେବାର ଧମକ ଦେଇଥିଲେ। ନିଆଁ ଲାଗିବା ଘଟଣାକୁ ଯଦି କେହି ଦେଖିନଥାନ୍ତେ ତେବେ ୩ ପରିବାର ଯଥା: ସୁରେନ୍ଦ୍ର, ଶିବ ଏବଂ ଭବାନୀ ଶଙ୍କର ସାହୁଙ୍କ ୩ଟି ଖଞ୍ଜାରେ ଶୋଇଥିବା ପ୍ରାୟ ୨୦ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହେବା ସହିତ ମୂଲ୍ୟ ସମ୍ପତ୍ତି ନଷ୍ଟ ହେବା ସମ୍ଭାବନା ଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଘଟଣାକୁ ନେଇ ଯାଜପୁର ଥାନାରେ ଅଜୟ ଓ ତାଙ୍କ ପରିବାର ନାମରେ ଅଭିଯୋଗ ହୋଇଛି। ପୋଲିସ ଏକ ଘର ପୋଡି ମାମଲା (ନଂ.୩୫।୨୧) ରୁଜୁକରିବା ସହ ଅଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚଳନ୍ତା ସ୍କୁଟି ଜଳିଗଲା

**ନୟାଗଡ ଅଫିସ/ଦଶପଲ୍ଲା, ୩୦।୧(ଡି.ଏନ୍.ଏ.)**

ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଟାକେରା ଘାଟରେ ଏକ ଚଳନ୍ତା ସ୍କୁଟି ଶନିବାର ରାତିରେ ହଠାତ୍ ଜଳି ଯାଇଥିଲା । ନିଆଁ ଲାଗିବା ଦେଖି ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ସ୍କୁଟିରୁ ତଳକୁ ଡେଇଁ ପଡିଥିଲେ । ଏଥିରେ ଚାଳକ ସନ୍ତୋଷ ରାଉତ ସାମାନ୍ୟ ଆହତ ହୋଇଛନ୍ତି । ଭୁବନେଶ୍ୱରର ସନ୍ତୋଷ ରାଉତ ଫୁଲବାଣୀରୁ ଭୁବନେଶ୍ୱରକୁ ନିଜର ଜଣେ ସହଯୋଗୀଙ୍କ ସହ ଫେରୁଥିଲେ। ଶର୍ଟ ସର୍କିଟ ଯୋଗୁ ଏପରି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଆହତଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

## ୪୦ ବର୍ଷ ହେବ ଖବରକାଗଜ ବାଣ୍ଟୁଛନ୍ତି ଅଞ୍ଜନ

**ଚଣ୍ଡିଖୋଲ,୩୦।୧(ଡି.ଏନ.ଏ.)**

**ବର୍ଷ ପୂର୍ତ୍ତି ଅବସରରେ ସମ୍ବର୍ଦ୍ଧନା**

ଖରା, ବର୍ଷା, ବନ୍ୟା ଓ ବାତ୍ୟାକୁ ଖାତିର ନ କରି ୪୦ ବର୍ଷ ହେଲା ଘରେଘରେ ଖବରକାଗଜ ପହଞ୍ଚାଉଛନ୍ତି ଅଞ୍ଜନ କୁମାର ସାହୁ(ମୂଷା)। ବାଲିଚନ୍ଦ୍ରପୁର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଖବରକାଗଜ ବଣ୍ଟନ କରି ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇଛନ୍ତି। ବାଲିଚନ୍ଦ୍ରପୁର ଥାନା ଖଡ଼ଗପୁର ଗ୍ରାମର ଅଞ୍ଜନ ୧୯୮୧ ଜାନୁୟାରୀ ୨୩ରୁ ଖବରକାଗଜ ବଣ୍ଟନ କରି ଆସୁଛନ୍ତି। ସେଥିପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତେବେ ଏହି ଖବରକାଗଜ ବଣ୍ଟନର ୪୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଦେକୁଡି ଗ୍ରାମସ୍ଥିତ ତେଲେଙ୍ଗେଶ୍ୱର କ୍ଲବ ପରିସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଉତ୍ସବରେ କ୍ଲବ୍ ସଭାପତି ପ୍ରଭାକର ଉଦ୍‌ଗାତା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନୀଳମଣି ସାମଲ, ବିଶିଷ୍ଟ କବି ପ୍ରଭାକର ଶତପଥୀ, ବିଶିଷ୍ଟ ବୌଦ୍ଧ ଗବେଷକ ଡ. ହରିଷଚନ୍ଦ୍ର ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ବଳ, ସମାଜିକ କର୍ମୀ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଅଞ୍ଜନଙ୍କ ଉଦ୍ୟମ, ସଚ୍ଚୋଟତା, ଇଚ୍ଛାଶକ୍ତି ଓ ପରିଶ୍ରମ ତାଙ୍କୁ ଆଜି ଏହି ସ୍ଥାନରେ ପହଞ୍ଚାଇଛି ବୋଲି ମତ ଦେଇଥିଲେ। ୟୁଥ୍ ଚାରିଟେବୁଲ ଟ୍ରଷ୍ଟ ଓ ଶପଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅଞ୍ଜନଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ କରୋନା ଯୋଦ୍ଧା ଭାବେ ନିକଟରେ ଭିଡିଓ କନଫରେନ୍ସ ଜରିଆରେ ସମ୍ବର୍ଦ୍ଧିତ କରିଥିଲେ।



ଅଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଜିଲା କଂଗ୍ରେସ ପକ୍ଷରୁ ଶହୀଦ ଦିବସ

**ଯାଜପୁର ଟାଉନ,୩୦।୧(ଡି.ଏନ.ଏ.)**

ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ପାଳନ କରାଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସନ୍ତୋଷ କୁମାର ନନ୍ଦ, ବିଷ୍ଣୁ ଚରଣ ରାଉତ, ବଳଭଦ୍ର ଦାସ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ଦଳିତ କଂଗ୍ରେସ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା, ଉପସଭାପତି ରାହାସ ବିହାରୀ ଦାସ, ପିସିସି ସମ୍ପାଦକ ଭାସ୍କର ମହାନ୍ତି, ଆଲୋକ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ମାନସ ରଂଜନ ପଣ୍ଡା, ନକୁଳ ଦେବ ସାହୁ, ଅନୀଲ ମହାନ୍ତି, ସଂଗ୍ରାମ ସାହାଣୀ ଓ ବିଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ଶହୀଦ ଦିବସ ପାଳନରେ ଯୋଗ ଦେଇଥିବା କଂଗ୍ରେସ କର୍ମୀ।

# ଘରଭଙ୍ଗା ମିଳିଲା, ପଲିଥିନ ମିଳିନି

**ବରୀ,୩୦।୧(ଡି.ଏନ.ଏ.)**

**ବନ୍ୟା ବିପନ୍ନଙ୍କୁ ସହାୟତା ପ୍ରଦାନ ଏମିତି**

ଅଗଷ୍ଟ ମାସରେ ହୋଇଥିବା ବନ୍ୟାରେ ବରୀ ତହସିଲ ଅଞ୍ଚଳ ଅଧିକ ପ୍ରଭାବିତ ହୋଇଥିଲା। ଏବେ ୫ ମାସ ପରେ ଘରଭଙ୍ଗା ସହାୟତା ପ୍ରଦାନ କରାଯାଉଛି। ହେଲେ ତହସିଲ ପ୍ରଶାସନର ବେପରୁଆ ମନୋଭାବ ଯୋଗୁ କେତେଜଣ ବିପନ୍ନଙ୍କୁ ଏପର୍ଯ୍ୟନ୍ତ ପଲିଥିନ ମିଳି ପାରିନାହିଁ। ହେଲେ ଘରଭଙ୍ଗା ସହାୟତା ମିଳିଲାଣି। ଯାହାର ଉଦାହରଣ ହେଉଛି ବାଲିବିଲ ଗ୍ରାମର ଦମୟନ୍ତୀ ସାମଲ, ସରସ୍ୱତୀ ନାଥ, ଜଗନ୍ନାଥ ସାମଲ। ଏହି ପରିବାର ୩୨୦୦ ଟଙ୍କା ଲେଖାଏ ଘର ଭଙ୍ଗା ସାହାଯ୍ୟ ପାଇଥିଲେ ହେଁ ସେମାନଙ୍କୁ ପଲିଥିନ ଦିଆଯାଇନି। କେବଳ ଏହି ପରିବାର ନୁହନ୍ତି ଆହୁରି ଅନେକ ବିପନ୍ନ ଘରଭଙ୍ଗା ସହାୟତା ପାଇଥିଲେ ମଧ୍ୟ ପଲିଥିନ ପାଇନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଦିଗରେ ତହସିଲ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ବିପନ୍ନଙ୍କୁ ପଲିଥିନ ଯୋଗାଇ ଦେବାକୁ ଦାବି ହୋଇଛି। ଅପରପକ୍ଷରେ ଆଦୌ ଘର ଭାଙ୍ଗି ନ ଥିବା ପରିବାରକୁ ତହସିଲ ପ୍ରଶାସନ ଅହେତୁକ ଅନୁକମ୍ପା ଦେଖାଇ ଘର ଭଙ୍ଗା ସହ ପଲିଥିନ ଦେଇଥିବା ଅଭିଯୋଗ ହୋଇଛି। ଯାହାକି ତଦନ୍ତର ଆବଶ୍ୟକତା ରହିଛି।

ସୂଚନାଯୋଗ୍ୟ, ବନ୍ୟାରେ ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱରେ ୧୦ରୁ ଊର୍ଦ୍ଧ୍ୱ ଘାଇ ହେବା ଯୋଗୁ ବହୁ ରାଜସ୍ୱ ଗ୍ରାମ ଦୁଇ ସପ୍ତାହ ଧରି ବନ୍ୟାଘେରରେ ରହିଥିଲା। ଘଟଣାକୁ ଗୁରୁତ୍ୱ ଦେଇ ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିପନ୍ନଙ୍କୁ ରିଲିଫ ଯୋଗାଇବା ଓ ପଲିଥିନ ବଣ୍ଟନ ଉପରେ ଗୁରୁତ୍ୱ ଦେଇଥିଲେ। ମାତ୍ର ବନ୍ୟା ସମୟରେ ତାଙ୍କର ବଦଳି ହେବାରୁ ନୂତନ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଆସି ସ୍ଥିତି ସମୀକ୍ଷା କରିବା ସହ ବିପନ୍ନଙ୍କୁ ତୁରନ୍ତ ସମସ୍ତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସହାୟତା ପ୍ରଦାନ ପାଇଁ ଗଠିତ ଟିମ୍ ଠିକ୍‌ରେ ତଦନ୍ତ କରି ପାରି ନ ଥିଲେ। ରିପୋର୍ଟ ତ୍ରୁଟିପୂର୍ଣ୍ଣ ଥିବାରୁ ପଲିଥିନ ପାଇ ନ ଥିବା ବିପନ୍ନଙ୍କୁ ଦ୍ୱିତୀୟ ଥର ଆବେଦନ କରିବାକୁ ତହସିଲ ତରଫରୁ ସୂଚନା ଦିଆଯାଇଥିଲା। ଏହି ମର୍ମରେ ୮ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀ ପଲିଥିନ ପାଇବାରୁ ବଞ୍ଚିତ ହେବା ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏସମ୍ପର୍କରେ ତହସିଲଦାର ସରୋଜକାନ୍ତ ନାୟକ କହିଛନ୍ତି, ବିପନ୍ନଙ୍କୁ ପଲିଥିନ ବଣ୍ଟନ ପାଇଁ ଯେଉଁ ଟୋକନ୍ ପ୍ରସ୍ତୁତି ହୋଇଥିଲା ସେଥିରେ ତ୍ରୁଟି ଯୋଗୁ କେହି ପରିବାର ବଞ୍ଚିତ ହୋଇଥାଇ ପାରନ୍ତି। ତେବେ ସେମାନଙ୍କ କଥା ସ୍ୱତନ୍ତ୍ର ଭାବେ ବିଚାରକୁ ନିଆଯାଇ ପଲିଥିନ ଯୋଗାଇ ଦିଆଯିବ।

**'ଭାଗବତ ମନୁଷ୍ୟର ଆତ୍ମଜ୍ଞାନ ଉଦୟ କରେ'**

ବିରିଡି,(ଡିଏନଏ): ଶ୍ରୀମଦ ଭାଗବତ ମନୁଷ୍ୟର ଆତ୍ମଜ୍ଞାନ ଉଦୟ କରେ। ଏହି ଗ୍ରନ୍ଥକୁ ପଠନ, ମନନ ଓ ଶ୍ରବଣ କଲେ ସକଳ ପାପ କ୍ଷୟ ହୁଏ। ଏଥିସହ ମନୁଷ୍ୟକୁ ସୁଖ ଶାନ୍ତି ସୌଭାଗ୍ୟ ପ୍ରାପ୍ତି କରାଏ ବୋଲି ହଳଦିଆପଡ଼ା - ନୂଆଗାଁ ଭାଗବତ ପାଠରେ ଆୟୋଜିତ ଭାଗବତ ସପ୍ତାହ ଜ୍ଞାନଯଜ୍ଞରେ ଗୌରବ ବାବା ସତ୍ୟାନନ୍ଦ ଦାସ ମହାରାଜ ପ୍ରକାଶ କରିଛନ୍ତି। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଥିବା ବେଳେ ଶନିବାରଠାରୁ ୨ୟ ପର୍ଯ୍ୟାୟ ଆରମ୍ଭ ହୋଇଛି ବୋଲି ପାଠ ପକ୍ଷରୁ ପ୍ରକାଶ କରାଯାଇଛି।

## ସଂକ୍ଷେପରେ

### ବସ୍‌କୁ ଧକ୍କା ଦେଲା ହାଇୱା, ବର୍ତ୍ତିଗଲେ ଲୋକେ

**ଜଗତ୍‌ସିଂହପୁର ଅଫିସ, ୩୦।୧:** ପାରାଦୀପରୁ ପୁରୀ ଅଭିମୁଖେ ଯାତ୍ରା କରୁଥିବା ଯାତ୍ରୀବାହୀ ବସ୍‌କୁ ସ୍ଥାନୀୟ ତରଡ଼ାପଡ଼ା ଛକରେ ଶନିବାର ଏକ ହାଇୱା ଧକ୍କା ଦେଇଛି। ମାତ୍ର ଯାତ୍ରୀମାନେ ବିପଦମୁଖରୁ ବର୍ତ୍ତିଯାଇଛନ୍ତି । ୨ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସକାଳ ସମୟରେ ବସ୍ (ନଂ. ଓଆର୍ ୨୧ଇ ୩୯୬୫)ଯାତ୍ରୀଙ୍କୁ ନେଇ ପୁରୀ ଯାଉଥିଲା। ଏହି ସମୟରେ ସ୍ଥାନୀୟ ତରଡ଼ାପଡ଼ା ଛକ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଏକ ହାଇୱା ବସ୍‌କୁ ଅତିକ୍ରମ କରିଥିଲା । ମାତ୍ର ହାଇୱାଟି ଭାରସାମ୍ୟ ହରାଇ ବସ୍‌ର ଏକ ପାର୍ଶ୍ୱରେ ଘସି ହୋଇ ଯାଇଥିଲା । ଫଳରେ ବସ୍‌ର ଝରକା କାଚ ସହ ଲାଗିଥିବା ଷ୍ଟ୍ରକଚର ଉପୁଡି ଯାଇଥିଲା । ଘଟଣାସ୍ଥଳରୁ ହାଇୱାଟି ଫେରାର ହୋଇଯାଇଛି। ଖବରପାଇ ଜଗତ୍‌ସିଂହପୁର ପୋଲିସ ସେଠାରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି ।

### ଖବରଦାତାଙ୍କୁ କରୋନା ଟିକା, ପେନସନ ଦାବି

**ପାଣିକୋଇଲି, ୩୦।୧(ଡି.ଏନ.ଏ.):** ଖବରଦାତାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କରୋନା ଟିକା ଓ ପେନସନ ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଖବରଦାତାମାନେ କରୋନା କାଳରେ ନିଜ ଜୀବନକୁ ବାଜି ଲଗାଇ ଦିବାରାତ୍ରି କାର୍ଯ୍ୟ କରିଥିବାବେଳେ ସେମାନଙ୍କୁ ଅଣଦେଖା କରାଯିବା ଉଚିତ ନୁହେଁ ବୋଲି ଏସୟୁଜେ ଯାଜପୁର ଜିଲା ଶାଖାର ବନ୍ଧୁମିଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶୁକ୍ରବାର ସଠିପୁର ବିକେବି କଲ୍ୟାଣମଣ୍ଡପଠାରେ ଯାଜପୁର ଜିଲା ଶାଖାର ବନ୍ଧୁମିଳନ ଓ ଆଲୋଚନାଚକ୍ର ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏସୟୁଜେ ରାଜ୍ୟ ସଭାପତି ଅଜୟ କୁମାର ସାହୁ ମୁଖ୍ୟଅତିଥି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ନାୟକ, କଲ୍ୟାଣ ପାଣ୍ଠି ଅଧକ୍ଷ ଗଗନ ବିହାରୀ ସାହୁ, ଉପସଭାପତି ବାସୁଦେବ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବୀ ସନ୍ତୋଷ କୁମାର ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ପିପିଏଲ୍ ଡିଏଭି ସ୍କୁଲରେ ପ୍ରଦର୍ଶନୀ ମେଳା

**ପାରାଦୀପ,୩୦।୧(ସ୍ୱ.ପ୍ର.):** ପିପିଏଲ ପରିସରରେ ଥିବା ଡିଏଭି ସ୍କୁଲରେ ସମୂହ ପ୍ରଦର୍ଶନୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଭି ଶିକ୍ଷାନୁଷ୍ଠାନର ଏକାଧିକ ସ୍କୁଲ ଭାଗନେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପିପିଏଲ ସିଓଓ ରଣଜିତ ସିଂ ଚୁଗ୍ ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। କମ୍ପାନୀର ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ଡିଏଭି ଅଧକ୍ଷ ସଞ୍ଜୀବ କୁମାର ସାହୁ ଓ ଆଞ୍ଚଳିକ ପ୍ରବନ୍ଧକ କେ.ସି ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

## ଦଶାଶ୍ୱମେଧ ଘାଟ ଦୂଷିତ

# ମୁହଁ ଫେରାଉଛନ୍ତି ପର୍ଯ୍ୟଟକ



ଦଶାଶ୍ୱମେଧ ଘାଟରେ ଆବର୍ଜନା ଜମା ହୋଇଛି।

■ନଷ୍ଟ ହେଉଛି ଆଧାତ୍ମିକ ପରିବେଶ

■ପୌର ପ୍ରଶାସନର ଦୃଷ୍ଟି ନାହିଁ

**ପ୍ରଯକ୍ତା ମହାନ୍ତି**

**ଯାଜପୁର ଟାଉନ,୩୦।୧(ଡି.ଏନ.ଏ.)**

ଯାଜପୁର ସହରସ୍ଥ ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ଭାରତବର୍ଷରେ ପରିଚିତ। ଏଠାକୁ ଦେଶର ବିଭିନ୍ନ ସ୍ଥାନରୁ ଲୋକେ ପିତାମାତାଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ତିଳତର୍ପଣ କରିବାକୁ ଆସିଥାନ୍ତି। ପୁରାଣରେ ଏହି ତୀର୍ଥ ସ୍ଥାନରେ ଲବକୁଶ ଅଶ୍ୱମେଧଯଜ୍ଞ କରିଥିବାର ସୂଚନା ମିଳେ। ଏହି ଘାଟ ନିକଟରେ ସପ୍ତମାତୃକା କାଳୀମନ୍ଦିର ସହ ଜଗନ୍ନାଥ ମନ୍ଦିର ଓ ନଦୀ ଆର ପାର୍ଶ୍ୱରେ ବରାହ ମନ୍ଦିର ଅବସ୍ଥିତ। ଏହି ସ୍ଥାନକୁ ବର୍ଷସାରା ରାଜ୍ୟ ଏବଂ ରାଜ୍ୟବାହାରୁ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି। ବିଶେଷ କରି ବାରୁଣୀ ସମୟରେ ଏଠାରେ ଲକ୍ଷାଧିକ ଭକ୍ତ ବୁଡ଼ ପକାଇ ପିଣ୍ଡଦାନ କରିଥାନ୍ତି। ତେଣୁ ଘାଟକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କିଛି ବର୍ଷତଳେ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏବେ ଏହି ଘାଟ ଦୂଷିତ ହେଉଛି। ଫଳରେ ପର୍ଯ୍ୟଟକ ଏଠାରୁ ମମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। ଏଠାରେ ମହିଳା ପର୍ଯ୍ୟଟକଙ୍କ ପାଇଁ ସ୍ନାନାଗାର ନିର୍ମାଣ କରିବାକୁ (ଯେଉଁଠାରେ ମହିଳାମାନେ ବସ୍ତ୍ର ବଦଳାଇ ପାରିବେ)ବହୁ ଆଗରୁ ଦାବି ହୋଇଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ସ୍ଥାୟୀ ସ୍ନାନାଗାର କରାଯାଇ ପାରିନାହିଁ। ଘାଟରେ ବିଭିନ୍ନ ଆବର୍ଜନା ଭାସୁଛି। ପିଣ୍ଡଦାନରେ ଲାଗୁଥିବା ସମସ୍ତ ସାମଗ୍ରୀ ନଦୀରେ ପକାଯାଉଛି। ଫଳରେ ଏହି ଘାଟ ସମ୍ପୂର୍ଣ୍ଣ ଦୂଷିତ ହୋଇପଡୁଛି। ପର୍ଯ୍ୟଟକ ଏଠାରେ ସ୍ନାନ କରିବାକୁ ଅମଙ୍ଗ ହେଉଥିବା ଦେଖିବାକୁ ମିଳୁଛି। ଯାଜପୁରର ଏହି ଐତିହ୍ୟ ପର୍ଯ୍ୟଟନସ୍ଥଳୀ ଅବସ୍ଥା ଦିନକୁଦିନ ଖରାପ ଆଡକୁ ଗତି କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏ ଦିଗରେ ପୌର ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

### କ'ଣ କୁହନ୍ତି ଏମାନେ...



"ଦଶାଶ୍ୱମେଧ ଘାଟ ସଫେଇ କାର୍ଯ୍ୟ ପାଇଁ ପୌର ପ୍ରଶାସନ ପକ୍ଷରୁ ଜଣେ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ତେବେ ଏଥିପାଇଁ ୩/୪ ଜଣ କର୍ମଚାରୀ ଆବଶ୍ୟକ। କର୍ମଚାରୀ ଅଭାବରୁ ଏହାର ସଫେଇ କରାଯାଇ ପାରୁନାହିଁ। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ଦିଆଯାଇ ପଦକ୍ଷେପ ନିଆଯିବ।

**-ସୁଦର୍ଶନ ମିଶ୍ର, ଓଏସ୍‌ଡି, ଯାଜପୁର ପୌର ପରିଷଦ**



"କରୋନା ମହାମାରୀ ସମୟରେ ଏହି ଘାଟର ଅପରିଷ୍କାରକୁ ଦେଖି ମୁଁ ଆଚମ୍ବିତ। ଚାରିଆଡ଼େ ସଫେଇ ଚାଲୁଛି। ହେଲେ ଏଠାକୁ ଶହଶହ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ଏହାକୁ ପରିଷ୍କାର ରଖାଯିବା ଉଚିତ୍। ନଚେତ ପର୍ଯ୍ୟଟକଙ୍କ ଏଠାକୁ ଆସିବାକୁ ଉତ୍ସାହ କମିଯିବା ସହର ପ୍ରତି ମଧ ନକରାତ୍ମକ ଭାବନା ସୃଷ୍ଟି ହେବ। ଅନେକ ଏଠାକୁ ଆସିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ।

**-ସଙ୍ଗୀତା ବେହେରା, ପର୍ଯ୍ୟଟକ, ଭୁବନେଶ୍ୱର**



"ସହରର ଅଧିକାଂଶ ଜନସାଧାରଣ ଏହି ନଦୀରେ ଘରର ଆବର୍ଜନା ପକାଉଛମନ୍ତି। ଫଳରେ ନଦୀଜଳ ଦୂଷିତ ହେଉଛି। ପୌର ପ୍ରଶାସନ ପକ୍ଷରୁ ଏଠାରେ ସ୍ଥାୟୀ ସୁରକ୍ଷା କର୍ମୀ ନିଯୁକ୍ତି ଦେଲେ ପାରିପାର୍ଶ୍ୱିକ ଅବସ୍ଥାରେ ପରିବର୍ତ୍ତନ ଘଟିବ। ଏଥିସହିତ ଜନସାଧାରଣ ମଧ ସଚେତନ ହେବା ଆବଶ୍ୟକ।

**-ଅକ୍ଷୟ ମିଶ୍ର, ସ୍ଥାନୀୟ ବ୍ରାହ୍ମଣ**



"ଆମ ଯାଜପୁର ସହରର ଏବେ ସୌନ୍ଦର୍ଯ୍ୟକରଣ କରାଯାଉଛି। ହେଲେ ଏତେବଡ଼ ଐତିହ୍ୟସ୍ଥଳର ପରିବେଶ ଦୂଷିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ନଚେତ୍ ପର୍ଯ୍ୟଟକ ଏଠାକୁ ଆସିବାକୁ ନାପସନ୍ଦ କରିବେ। ଘାଟର ନାମ ଖରାପ ହୋଇଯିବ।

**-କାମିନୀ ଦାସ, ପର୍ଯ୍ୟଟକ, ମହାନ୍ତିପାଟଣା**



"ପ୍ରସିଦ୍ଧ ଦଶାଶ୍ୱମେଧ ଘାଟକୁ ସଫାସୁତରା ରଖିବା ପାଇଁ ପୌର ପ୍ରଶାସନ ଧାନଦେବା ଆବଶ୍ୟକ। ସ୍ଥାନୀୟ ଲୋକେ ମଧ ସଚେତନ ହେବା ସହ ଅନ୍ୟକୁ ସଚେତନ କରନ୍ତୁ। ଏହାଦ୍ୱାରା ଏହି ଘାଟ ସ୍ୱଚ୍ଛ ରହିପାରିବ। ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ସବୁଆଡ଼େ ଏହି ଘାଟର ମହାତ୍ମ୍ୟ ପ୍ରଚାର ହୋଇପାରିବ।

**-ସତ୍ୟଜିତ୍ ସ୍ୱାଇଁ, ଆଇନଜୀବୀ, ଯାଜପୁର**



"୨୦ବର୍ଷ ପରେ ମୁଁ ଏଠାକୁ ଆସି ପରିବର୍ତ୍ତନ ଦେଖି ଅନେକ ଆନନ୍ଦିତ। ମାତ୍ର ଏହି ଘାଟର ଅବସ୍ଥା ଦେଖି ଦୁଃଖିତ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ଦରକାର। ଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସୁଛନ୍ତି। ଯଦି ଏଠାକାର ପରିବେଶ ଦୂଷିତ ହେବ, ତେବେ ପିଣ୍ଡଦାନ ପାଇଁ ଆସୁଥିବା ଲୋକଙ୍କ ସଂଖ୍ୟା କମିଯିବ।

**-ବିଦ୍ୟାଧର ବେହେରା, କାଏମା, ଯାଜପୁର**

### ଜମି ପାଇଁ ବଡ଼ଭାଇଙ୍କ ଜୀବନ ଗଲା

**କେନ୍ଦ୍ରାପଡା ଅଫିସ,୩୦।୧**

ଜମି ବିବାଦରୁ ଦୁଇ ଭାଇଙ୍କ ମଧ୍ୟରେ ହାତାହାତି ହୋଇଥିଲା। ସାନଭାଇଙ୍କ ମାଡରେ ବଡଭାଇ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ରବୀନ୍ଦ୍ର ଭୋଇ। ଏପରି ଘଟଣା ଟାଉନ ଥାନା ଅନ୍ତର୍ଗତ ସହରର ମନକରପୁରରେ ଘଟିଛି। ଟାଉନ ଥାନାରେ ଏନେଇ ଏକ ମାମଲା (ନଂ– ୧୭।୨୧) ରୁଜୁ ହୋଇଛି। ସାନଭାଇ ବାଇଧର ଭୋଇ, ଭାଇବୋହୂ ମଣି, ପୁତୁରା ବମ୍ଭୁ ଓ ମଗୁଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ରବୀନ୍ଦ୍ର ଓ ବାଇଧର ୨ ଭାଇ। ଘରବାଡି ବିଭାଜନକୁ ନେଇ ସେମାନଙ୍କ ମଧରେ ପୂର୍ବରୁ ବିବାଦ ଥିଲା। ସୋମବାର ସୀମା ବିବାଦକୁ ନେଇ ପ୍ରଥମେ ଉଚ୍ଚବାଚ ଓ ପରେ ହାତାହାତି ହୋଇଥିଲା ବୋଲି ବାପା ବାବୁଲି ଭୋଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।

### ବୃଦ୍ଧଙ୍କ ମୃତଦେହ ଜବତ

**ଜଗତ୍‌ସିଂହପୁର ଅଫିସ, ୩୦।୧**

ବାଲିକୁଦା ଥାନା ଉଦିସାହିର ଜଣେ ବୃଦ୍ଧଙ୍କ ମୃତଦେହ ତାଙ୍କ ପାନବରଜରୁ ପୋଲିସ ଜବତ କରିଛି। ସେ ହେଲେ କୈଳାଶ ଚନ୍ଦ୍ର ସ୍ୱାଇଁ (୮୫)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଦାନାଦର ଖାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହ ଜବତ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ୧୦ ମାସ ହେବ ମିଳିନି ଦରମା

### ଧାରଣା ଦେବେ ବାଲେଶ୍ୱର ଆଲ୍‌ଏଜ କମ୍ପାନୀ କର୍ମଚାରୀ

**କାଳିଆପାଣି,୩୦।୧(ଡି.ଏନ.ଏ.)**

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ବାଲେଶ୍ୱର ଆଲ୍‌ଏଜ୍ କମ୍ପାନୀ ୧୦ ମାସ ହେବ କର୍ମଚାରୀଙ୍କୁ ଦରମା ଦେଇନାହିଁ। ଏହାର ପ୍ରତିବାଦରେ ଫେବୃୟାରୀ ୮ରୁ ଖଣି ଗେଟ୍ ସମ୍ମୁଖରେ କର୍ମଚାରୀ, ଶ୍ରମିକ ସମୂହ ଧାରଣାରେ ବସିବେ ବୋଲି ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଭୁବନେଶ୍ୱର ରିଜିୟନ ଶ୍ରମ କାର୍ଯ୍ୟାଳୟ, ଯାଜପୁର ଜିଲାପାଳ,ଏସ୍‌ପି, କଳିଙ୍ଗନଗର ଏଡଏମ୍, ଆଡିସିନାଲ୍ ଏସ୍‌ପି, ସୁକିନ୍ଦା ତହସିଲଦାର ଓ କାଳିଆପାଣି ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା କହିଛନ୍ତି।

ସେ ଦେଇଥିବା ଚିଠିରେ ଦର୍ଶାଇଛନ୍ତି, କମ୍ପାନୀ ଦରମା ଦେଉ ନ ଥିବାରୁ କିଛି ମାସ ହେବ ଖଣିରୁ ଉତ୍ପାଦନ ସହ ଆନୁଷଙ୍ଗିକ କାର୍ଯ୍ୟ ବନ୍ଦ ରହିଥିଲା। ତେବେ ଚଳିତ ମାସରେ ଶ୍ରମିକ ସଂଘ ସହ କମ୍ପାନୀ କର୍ତ୍ତୃପକ୍ଷ ଆଲୋଚନା କରି ଖଣିର ଅତ୍ୟାବଶ୍ୟକ କାର୍ଯ୍ୟକୁ ଚାଲୁ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ, କଳିଙ୍ଗନଗର ଏଡିଏମ୍, ଶ୍ରମିକ ସଂଘ କର୍ମକର୍ତ୍ତାଙ୍କୁ ନେଇ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। କମ୍ପାନୀ ପକ୍ଷରୁ ଜାନୁୟାରୀ ୬ରେ ଦୁଇ ମାସର ଦରମା ସମେତ ବକେୟା ଇପିଏଫ୍ ଡପୋଜିଟ୍ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟ ଚାଲୁ ହେବା ପରେ ଲଗାତର ଭାବେ ପ୍ରତିମାସରେ ଦରମା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଶ୍ରମିକ ସଂଘ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, କମ୍ପାନୀ ପ୍ରତିନିଧି ଅଶୋକ ପଟ୍ଟନାୟକ ଓ ତାରେଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତେବେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ଖିଲାପ କରିଛି।

## କୃଷକ ସଂଗଠନର ଗଣ ସତ୍ୟାଗ୍ରହ

**କେନ୍ଦ୍ରାପଡା ଅଫିସ, ୩୦।୧**

ଦିଲ୍ଲୀରେ ଚାଲିଥିବା କୃଷକ ଆନ୍ଦୋଳନକୁ ସମର୍ଥନ କରି କେନ୍ଦ୍ରାପଡା ଜିଲାର ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ସହରର ଗରାପୁରସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶନିବାର ଗଣ ସତ୍ୟାଗ୍ରହ ହୋଇଥିଲା । ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ କହିଛନ୍ତି, କେନ୍ଦ୍ର ସରକାରଙ୍କ ନୂତନ ୩ କୃଷି ଆଇନ କୃଷକଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛି । ଏଥିରେ ଥିବା କେତେକ ସର୍ତ୍ତ ପୁଞ୍ଜିପତିଙ୍କୁ ସୁହାଉଛି । ଏହି ଆନ୍ଦୋଳନର ପ୍ରଭାବ ସୁଦୂର ପ୍ରଭାବୀ ହୋଇଥିବାରୁ ଏହାକୁ ଦବାଇବା ପାଇଁ କେନ୍ଦ୍ର ସରକାର ଏକ ପ୍ରାୟୋଜିତ ଦଙ୍ଗା ସୃଷ୍ଟି କରିଛନ୍ତି । ନୂତନ କୃଷି ଆଇନ ରଦ୍ଦ ପର୍ଯ୍ୟନ୍ତ କୃଷକମାନେ ଆନ୍ଦୋଳନକୁ ଜାରି ରଖିବେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଗଣ ସତ୍ୟାଗ୍ରହରେ କୃଷକ ନେତା ଫକୀର ଚରଣ ଖଟୁଆ, ରମଣୀ ରଞ୍ଜନ ରାଉତରାୟ, ଜୟନ୍ତ ଲେଙ୍କା, ଉମେଶ ଚନ୍ଦ୍ର ସିଂହ, ଜଗତ ଜୀବନ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ମୋବାଇଲରେ କଥା ହେଉଥିବା ବାଇକ୍ ଚାଳକଙ୍କୁ ଜରିମାନା

**କେନ୍ଦ୍ରାପଡା ଅଫିସ,୩୦।୧**

କେନ୍ଦ୍ରାପଡା ଟାଉନ ଥାନା ପୋଲିସ ପକ୍ଷରୁ ସହରରେ ଗାଡ଼ି ଚାଳକଙ୍କ ଚେକିଂ ଶନିବାର ହୋଇଥିଲା । ଏହି ଚେକିଂରେ ୧୫ ଜଣ ବାଇକ ଚାଳକ ଧରାପଡିଛନ୍ତି। ସେମାନେ ମୋବାଇଲରେ କଥା ହୋଇ ଗାଡି ଚଳାଉଥିଲେ । ସେଥିପାଇଁ ସେମାନଙ୍କୁ ୭୫ ହଜାର ଟଙ୍କା ଜରିମାନା କରାଯାଇଛି। ଏସମ୍ପର୍କରେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ କହିଛନ୍ତି, ସଡକ ସୁରକ୍ଷାର ନୂତନ ନିୟମକୁ କାର୍ଯ୍ୟକାରୀ ପାଇଁ ଏହି ଚେକିଂ ହୋଇଥିଲା । ଏହାପୂର୍ବରୁ ବହୁ ଥର ଥାନା ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହୋଇଛି। ଏହାସତ୍ତ୍ୱେ ସହରର କେଶପୁର, ପୁରୁଣା ଓ ନୂଆ ବସଷ୍ଟାଣ୍ଡ, ତିନିମୁହାଣି ଛକ ଆଦି ସ୍ଥାନରେ ୧୫ ଜଣ ବାଇକ ଚାଳକ ଧରାପଡିଛନ୍ତି ।

## ୩୨ ଦିନରେ ବିଜିଆର୍ ଛଟେଇ କର୍ମଚାରୀଙ୍କ ଧାରଣା



ଧାରଣାରେ ବସିଥିବା ବିଜିଆର୍ ଛଟେଇ କର୍ମଚାରୀ।

**କାଳିଆପାଣି,୩୦।୧(ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଦ୍ୱାରା ପରିଚାଳିତ ବିଜିଆର ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରୁ ଛଟେଇ କର୍ମଚାରୀ ଖଣିନିଗମ କାର୍ଯ୍ୟାଳୟ ସମ୍ମୁଖରେ ୩୨ ଦିନ ହେବ ଧାରଣାରେ ବସିଛନ୍ତି। ହେଲେ ଏହି କର୍ମଚାରୀଙ୍କ ଦାବିପ୍ରତି କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ଶ୍ରମିକ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଦିନକୁ ଦିନ କର୍ମଚାରୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଜିଆର କର୍ତ୍ତୃପକ୍ଷଙ୍କୁ ଶ୍ରମିକ ସଂଘ ସହ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ଭର୍ତ୍ସନା କରିଛନ୍ତି। ଶନିବାର ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଧାରଣାରେ ଯୋଗଦେଇ କର୍ମଚାରୀ ଶୋଷଣ ନୀତିକୁ ବରଦାସ୍ତ କରାଯିବ ନାହିଁ। ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ ମିଳିଲେ ଆନ୍ଦୋଳନ ଜୋରଦାର ହେବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ ଦକ୍ଷିଣ କାଳିଆପାଣି ଖଣିରେ କ୍ରୋମାଇଟ ଉତ୍ତୋଳନ କାର୍ଯ୍ୟରେ ବିଜିଆର କମ୍ପାନୀ ନିୟୋଜିତ କରିଥିବା କର୍ମଚାରୀଙ୍କ ମଧ୍ୟରୁ ପ୍ରଥମେ ୧୨୬ ଜଣ ଓ ପରେ ଆଉ ୨୨ ଜଣଙ୍କୁ ଛଟେଇ କରିଛି। ଯାହାକୁ ନେଇ ଖଣିନିଗମ କାର୍ଯ୍ୟାଳୟ ସମ୍ମୁଖରେ ଉକ୍ତ ଛଟେଇ କର୍ମଚାରୀ ଧାରଣାରେ ବସି ରହିଛନ୍ତି। ଏହା ମଧ୍ୟରେ ଶ୍ରମିକ ସଂଘ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଶ୍ରମିକଙ୍କ ସହ ଧାରଣାରେ ସାମିଲ ହେବା ସହ ଖଣି ନିଗମ କର୍ତ୍ତୃପକ୍ଷଙ୍କ ଆଲୋଚନା କରି ତୁରନ୍ତ ସମସ୍ୟା ସମାଧାନ କରିବାକୁ କହିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ମଧ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ କିଛି ହୋଇନାହିଁ।

## ପ୍ରବାସୀ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ବରୀ,୩୦।୧(ଡି.ଏନ.ଏ)**

ଯାଜପୁର ଜିଲା ବରୀ–ରାମଚନ୍ଦ୍ରପୁର ଥାନା ଅଧୀନ ଉତ୍ତର ବରୀ ଗ୍ରାମର ଚନ୍ଦ୍ରମଣି ଜେନାଙ୍କ ପୁଅ ସମୀରଙ୍କ ସୁଦୂର ବାଙ୍ଗାଲୋରରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସମୀରଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେ ବାଙ୍ଗାଲୋର ଦାଦନ ଖଟିବାକୁ ଯାଇଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ମିଳିବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ସମୀରଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଥାନା ସମ୍ମୁଖରେ ମହିଳାଙ୍କ ଧାରଣା



ଥାନା ସମ୍ମୁଖରେ ଧାରଣା ଦେଇଥିବା ମହିଳାମାନେ।

### ଅପହୃତା ନାବାଳିକାଙ୍କୁ ଉଦ୍ଧାର ଦାବି

**ଏରସମା,୩୦।୧(ସ୍ୱ.ପ୍ର.)**

ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜାନୁୟାରୀ ୨ରୁ ଅପହରଣ କରିନିଆଯାଇଛି। ତୁରନ୍ତ ତାଙ୍କୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଏରସମାସ୍ଥିତ ରେବିକା ମହିଳା ସଂଘ ସଦସ୍ୟା ଶନିବାର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହି ଘଟଣାରେ କୁଜଙ୍ଗ ଥାନା ଅନ୍ତର୍ଗତ ପୋତାନଇ ଗ୍ରାମର ମୃତ୍ୟୁଞ୍ଜୟ ମଲ୍ଲିକ (୨୭)ଙ୍କ ନାମରେ ଅଭିଯୋଗ ହୋଇଥିଲା। ସେ ସମ୍ପୃକ୍ତ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ ବୋଲି ପରିବାର ସଦସ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧/୨୧) ରୁଜୁ ହୋଇଛି। ଏହାସତ୍ତ୍ୱେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ନ ଥିବାରୁ ମହିଳାସଂଘ ସଦସ୍ୟାମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ସଂଘ ପକ୍ଷରୁ ଏହି ଧାରଣାରେ କାଞ୍ଚନ ମଲ୍ଲିକ, ନିର୍ମଳା ମଲ୍ଲିକ, ପାର୍ବତୀ ମଲ୍ଲିକ, ଛବି ମଲ୍ଲିକ ଓ କବିତା ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ଖବରପାଇ ତିର୍ତ୍ତୋଲ ଏସ୍‌ଡିପିଓ ଦିପକରଞ୍ଜନ ଜେନା ଓ ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି ଘଟଣାସ୍ଥଳରେ ପହଞ୍ଚି ୪ ଦିନ ମଧରେ ଅପହୃତାଙ୍କୁ ଉଦ୍ଧାର କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ହଜାରେ ବିଡ଼ି ବାନ୍ଧିଲେ ୮୦ ଟଙ୍କା

■ମହିଳା ବିଡ଼ି ଶ୍ରମିକଙ୍କ ଦୁଃଖ

■୪୦ ବର୍ଷ ହେବ ମିଳୁନି ସରକାରୀ ମାନ୍ୟତା

**ମହାକାଳପଡ଼ା,୩୦।୧(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳିଙ୍କୁ ସରକାରୀ ମାନ୍ୟତା ଦେଇଛନ୍ତି । ସେହି ଶ୍ରମିକମାନଙ୍କୁ ଅଧିକ ମଜୁରି ଓ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ହେଲେ ବିଡି ବନ୍ଧାଳିଙ୍କୁ ଅବହେଳା କରାଯାଉଛି । ସେମାନେ ଅତି ଦୁଃଖକଷ୍ଟରେ ନିଜ ପରିବାର ଚଳାଉଛନ୍ତି । ବିଶେଷ କରି କେନ୍ଦ୍ରାପଡ଼ା ଜିଲା ଉପକୂଳ ଅଞ୍ଚଳର ମହିଳା ବିଡି ଶ୍ରମିକମାନେ ଶ୍ରମ ବିଭାଗର ଦୃଷ୍ଟି ଆଢୁଆଳରେ ଥିବା ଅଭିଯୋଗ ହେଉଛି ।

ମହାକାଳପଡା ବ୍ଲକ ଖରିନାଶି ଗ୍ରାମ ଜେଠିପଡ଼ାର ବହୁ ମହିଳା ବିଡି ଶ୍ରମିକ ଗତ ୪୦ବର୍ଷ ହେବ ବିଡି ବାନ୍ଧି ନିଜର ତେଲଲୁଣ ସଂସାର ଚଳାଇଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଉପଯୁକ୍ତ ପାଉଣା ମିଳିନାହିଁ । ୧ ହଜାର ବିଡ଼ି ବାନ୍ଧିଲେ ପୂର୍ବରୁ ସେମାନଙ୍କୁ ପାରିଶ୍ରମିକ ବାବଦରେ ୮ ଟଙ୍କା ମିଳୁଥିଲା । ଏବେ ସେହି ପାରିଶ୍ରମିକ ୮୦ରୁ ୯୦ଟଙ୍କା ରହିଛି। ବଜାର ଦର ଦିନକୁ ଦିନ ବଢ଼ି ଚାଲିଛି । ସାଧାରଣ ମଜୁରି ୪ ଶହ ଟଙ୍କା ହୋଇଛି। ହେଲେ ବିଡି ଶ୍ରମିକମାନେ ପ୍ରତିଦିନ ୧ ହଜାର ବିଡି ବାନ୍ଧି ୮୦ ଟଙ୍କା ପାରିଶ୍ରମିକ ପାଉଛନ୍ତି । ଏ ନେଇ ଗୀତାରାଣୀ ବିଶ୍ୱାସ(୭୦)କୁହନ୍ତି, ବିଡି ପତିର ବାସ୍ନାରେ ଆଖି, ନାକରେ ସଂକ୍ରମଣ ହେଉଛି । ତଥାପି ଭାଗ୍ୟକୁ ଆଦରି ସେହି କାମ କରୁଛୁ । ହେଲେ ଉପଯୁକ୍ତ ମଜୁରି ମିଳୁନାହିଁ । ସେହି ଅଞ୍ଚଳର ବିଡି ବ୍ୟବସାୟୀମାନେ ଏପରି ମହିଳାମାନଙ୍କୁ ଗୋଟି ଶ୍ରମିକ ଭାବେ ଶୋଷଣ କରୁଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି ।

ଏହି ମହିଳା ଶ୍ରମିକମାନଙ୍କ ଜମି ନାହିଁ । କାମ ନ ଥିଲେ ନଦୀରୁ ମାଛ,କଙ୍କଡା ଧରି ପରିବାର ପ୍ରତିପୋଷଣ କରିଥାନ୍ତି । ବିଡି ବନ୍ଧା ମହିଳା ଶ୍ରମିକଙ୍କୁ ସରକାରୀ ମାନ୍ୟତା ଦେବା, ଉପଯୁକ୍ତ ମଜୁରି ଯୋଗାଇଦେବା ପାଇଁ ଦାବି ହେଉଛି । ସୁଲତା ବିଶ୍ୱାସ, ସନ୍ଧ୍ୟା ବିଶ୍ୱାସ, ସନ୍ଧ୍ୟା ଅଧିକାରୀଙ୍କ ସମେତ ବହୁ ମହିଳା ବିଡି ଶ୍ରମିକ ଏପରି ମଜୁରିକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାୟକ କହିଛନ୍ତି, ବିଡି ଶ୍ରମିକଙ୍କ ପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ପ୍ୟାକେଜ ରହିଛି । ସେମାନଙ୍କୁ ଚିହ୍ନଟ ପାଇଁ ଏକ ଟାକ୍ସଫୋର୍ସ କାମ କରୁଛି । ଶ୍ରମ ବିଭାଗ ଏହି ଶ୍ରମିକମାନଙ୍କ ନାମ ପଞ୍ଜୀକରଣ କରିବା ସହ ସେମାନଙ୍କୁ କେନ୍ଦ୍ରୀୟ ଯୋଜନାରେ ସାମିଲ ପାଇଁ ସୁପାରିସ କରିଥାଏ । ଖରିନାଶିର ଏହି ମହିଳା ବିଡି ଶ୍ରମିକମାନଙ୍କ ସମସ୍ୟାକୁ ସରଜମିନ ତଦନ୍ତ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନାୟକ କହିଛନ୍ତି।



ଖରିନାଶି ଗ୍ରାମ ଜେଠୀପଡ଼ାରେ ବିଡି ବାନ୍ଧୁ ଥିବା ମହିଳା ଶ୍ରମିକମାନେ ।

## ସନ୍ତାନ ଲାଭ ପାଇଁ ରାଇ ଦାମୋଦରପୂଜା

ଖଣ୍ଡପଡା,(ସ୍ୱ.ପ୍ର): ଧାନଚେଙ୍ଗଡା ପଞ୍ଚାୟତ ଅନ୍ତର୍ଗତ କୁସୁମୀ ନଦୀର ବାଲୁକା ଶଯ୍ୟାରେ ଶନିବାର ଶତାଧିକ ମହିଳା ରାଇ ଦାମୋଦର ପୂଜା କରିଛନ୍ତି । ପୌଷ ପୂର୍ଣ୍ଣମୀ ତିଥିରେ ମହିଳାମାନେ ମାନସିକ କରି ଏହି ପୂଜା କଲେ ଅପୁତ୍ରିକ ପୁତ୍ର ସନ୍ତାନ ପ୍ରାପ୍ତ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଶନିବାର ଅପରାହ୍ନରେ ମହିଳାମାନେ ରାଧା କୃଷ୍ଣଙ୍କ ଫଟୋ ସହ ଧାନଗଛ, ଆଖୁଧଣ୍ଡା, ଫୁଲ, ତୁଳସୀ ସ୍ଥାପନ କରି ଶ୍ରୀକୃଷ୍ଣଙ୍କ ଗୁପ୍ତଲୀଳା ପଠନ ସହ ନୃତ୍ୟ କରିବା ପରେ ପୂଜାର୍ଚ୍ଚନା କରିଥିଲେ ।

## ସଂକ୍ଷେପରେ

### ଚାଷୀଙ୍କ ଅଭିଯୋଗ ଶୁଣିଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

**ରାଜନଗର,୩୦।୧(ଡି.ଏନ.ଏ.):** ଶୁକ୍ରବାର ରାଜନଗର ବ୍ଲକର ଡାଙ୍ଗମାଳରେ କେନ୍ଦ୍ରାପଡା ଜିଲା ଯୋଜନା ବୋର୍ଡ ବୈଠକରେ ଧାନ କିଣା ଅନିୟମିତତା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶନିବାର ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ରାଜନଗର ବିଧାୟକ ଧ୍ରୁବ ସାହୁ ସହ ଅଚାନକ ଡାଙ୍ଗମାଳ ସେବା ସମବାୟ ସମିତି ଧାନମଣ୍ଡିରେ ପହଁଞ୍ଚି ଥିଲେ। ସେଠାରେ ଉପେନ୍ଦ୍ର ସ୍ୱାଇଁ, କୈଳାସ ଲେଙ୍କା, ପ୍ରସନ୍ନ କରଣ ପ୍ରମୁଖ ଚାଷୀ ଡାଙ୍ଗମାଳ ସେବା ସମବାୟ ସମିତି ସମ୍ପାଦକ ଆମ ଅଭିଯୋଗ ଶୁଣୁନାହାଁନ୍ତି, ଆମ ଅଞ୍ଚଳକୁ ଆସୁନାହାନ୍ତି ବୋଲି କହିଥିଲେ । ଧାନ କେବେ ନେବେ ପଚାରିଲେ ଠିକ କଥା କହୁନାହାନ୍ତି, ଏପରି କି ରୁକ୍ଷ ବ୍ୟବହାର କରୁଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣିବା ପରେ ଦାସବର୍ମା ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

### ଝିଅର ଜନ୍ମଦିନରେ ରକ୍ତଦାନ ଶିବିର

**ଭାପୁର,୩୦।୧(ଡି.ଏନ.ଏ.):** ଜଣେ ଖବରକାଗଜ ବିତରକ ନିଜ ଝିଅର ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ନୟାଗଡ ଜିଲା ଭାପୁର ବ୍ଲକ ନିମାଣୀ ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ ଖବରକାଗଜ ବିକ୍ରି କରି ପରିବାରର ଗୁଜୁରାଣ ମେଣ୍ଟାଇଥାନ୍ତି। ଶୁକ୍ରବାର ତାଙ୍କ ୫ବର୍ଷର ଝିଅ ସୁଶ୍ରୀ ସଙ୍ଗିତା(ମାମା)ଙ୍କ ଜନ୍ମ ଦିନ ଥିଲା । ସେହି ଦିନକୁ ଅନନ୍ୟ କରିବା ପାଇଁ ସନ୍ତୋଷ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ନିମାଣି ଗ୍ରାମର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

### କାଉପଡ଼ା ସମିତି ସଭ୍ୟଙ୍କ ପରଲୋକ

**ଡେରାବିଶ,୩୦।୧(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ସମିତିସଭ୍ୟ ବଂଶୀଧର ମଲ୍ଲିକ (୬୪)ଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ, କାଉପଡ଼ା ସରପଞ୍ଚ ଲକ୍ଷ୍ମୀ ମଲ୍ଲିକ, ଛୋଟି ସରପଞ୍ଚ ଚନ୍ଦ୍ର ବଳ ପ୍ରମୁଖ ତାଙ୍କୁ ଶେଷ ଦର୍ଶନ କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

### ସାହାଣୀ କପ୍ ପାଇଁ ଖେଳାଳି ଚୟନ

**କାଳିଆପାଣି,୩୦।୧(ଡି.ଏନ.ଏ.):** ସାହାଣୀ କପ୍ ଟୁର୍ନାମେଣ୍ଟ ପାଇଁ କାଳିଆପାଣି ଖଣି ଅଞ୍ଚଳରେ ଟାଟାଷ୍ଟିଲ୍ ମାଇନିଂ ପ୍ରୟାସରେ ଶନିବାର ୧୫୦ଜଣ ଖେଳାଳି ଚୟନ କରାଯାଇଛି। ଟାଟାଷ୍ଟିଲ ମାଇନିଂ କମର୍ଦ୍ଧାଠାରେ ସ୍ଥାନୀୟ ଅଞ୍ଚଳ ପିଲାଙ୍କୁ ନେଇ ଏହି ଚୟନ ପ୍ରକ୍ରିୟା କରାଯାଇଛି। ଚୟନ ହୋଇଥିବା ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯାଇ ପ୍ରସ୍ତୁତି କରାଯିବ। ଯେଉଁ ଖେଳାଳି ଶ୍ରେଷ୍ଠ ଖେଳାଳି ଭାବେ ଚୟନ ହେବେ ସେମାନଙ୍କୁ ସାହାଣୀ କପ୍ ଖେଳିବାର ସୁଯୋଗ ମିଳିବ ବୋଲି କମ୍ପାନୀ ଏଜିଏମ୍ ହରିଦ୍ରୁମ ବେହେରା ପ୍ରକାଶ କରିଛନ୍ତି। ଚୟନ ପ୍ରକ୍ରିୟାରେ ଯାଜପୁର ଜିଲା ଆଥ୍‌ଲେଟ୍ ଆସୋସିଏଶନ ସମ୍ପାଦକ ସମ୍ପିତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ କମ୍ପାନୀ ପ୍ରଶାସନିକ ଏଜିଏମ୍ ଗୌତମ ଚକ୍ରବର୍ତ୍ତୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଖେଳାଳି ଚୟନ ପାଇଁ ପ୍ରଶିକ୍ଷକ ସୁପ୍ରଶନ୍ନ ନାୟକ ରହିଥିଲେ।

### ଡାଙ୍ଗମାଳରେ ୩ ପ୍ରକଳ୍ପର ଶିଳାନ୍ୟାସ

**ରାଜନଗର,୩୦।୧(ଡି.ଏନ.ଏ.):** ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତରେ ୩ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବାଙ୍କୁଆଳ ଗାଁରେ ଖେଳପଡିଆ, ଡାଙ୍ଗମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମାର୍କେଟ କମ୍ପ୍ଲେକ୍ସ ଓ ମା'ଜୟଦୁର୍ଗାଙ୍କ ପ୍ରାଙ୍ଗଣରେ ନାଟ୍ୟ ମଣ୍ଡପ ଓ ଆନନ୍ଦ ବଜାରର ଶିଳାନ୍ୟାସ କରାଯାଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଥିଲେ। ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧକ୍ଷ ଜୟରାମ ସେଠୀ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ସମିତିସଭ୍ୟା ନନ୍ଦିନୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଭୂମିହୀନଙ୍କୁ ମିଳିଛି ଜଳାଶୟ ଜମି

**ନାଉଗାଁ,୩୦।୧(ସ୍ୱ.ପ୍ର.)**



ଗଣପତି ଗମାଙ୍ଗଙ୍କୁ ଦିଆଯାଇଥିବା ଜାଗାରେ ପୋଖରୀ ରହିଛି।

- ଖାଲୁଆ ଜାଗା ପୋତି ପାରୁନାହାନ୍ତି ଭୂମିହୀନ
- ବାର୍ଦ୍ଧକ୍ୟ ଭତ୍ତା ମିଳୁନି

ବହୁ ଆବେଦନ ପରେ ଭୂମିହୀନଙ୍କୁ ଜମି ପଟ୍ଟା ମିଳିଛି। ମାତ୍ର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଜାଗା ପୋଖରୀ (ଜଳାଶୟ) କିସମ ହୋଇଥିବାରୁ ଏହାକୁ ପୋତି ଘର କରିବା ତାଙ୍କ ପାଇଁ କାଠିକର ହୋଇପଡ଼ିଛି। ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଦହିପାଳ ଗ୍ରାମସ୍ଥିତ ବେଲକନ୍ଦା ପଡ଼ାରେ ଏହି ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମର ଗଣପତି ଗମାଙ୍ଗୋ(୬୦) ନାମକ ଜଣେ ଆଦବାସୀ ପରିବାରର। ନିଜର ଘର ନ ଥିବାରୁ ମୃତ୍ତିକା ସଂରକ୍ଷଣ ପକ୍ଷରୁ ବନ୍ଦ ହୋଇଯାଇଥିବା କାର୍ଯ୍ୟାଳୟରେ ସ୍ତ୍ରୀ ବବିତା, ୨ ପୁଅ ବିଶ୍ୱଜିତ ଓ ସୌମ୍ୟରଞ୍ଜନଙ୍କୁ ନେଇ ସେ ୧୯୯୯ ମସିହାରୁ ରହି ଆସୁଛନ୍ତି। ୧୩ ବର୍ଷ ବୟସରୁ ସେ ସୁଦୁର କୋରାପୁଟ ଜିଲାରୁ ଆସି ଏହି ଗ୍ରାମରେ ରହୁଛନ୍ତି। ମାତ୍ର ଘର ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମି ଖଣ୍ଡେ ହେଲେ ଘର କରିବାକୁ ଆଶା ରଖି ତହସିଲ କାର୍ଯ୍ୟାଳୟରେ ୭ ବର୍ଷ ପୂର୍ବେ ଆବେଦନ କରିଥିଲେ। ଏନେଇ ୪ ନଭେମ୍ବର ୨୦୧୯ରେ ବେଲକନ୍ଦାଠାରେ ପ୍ଲଟ ନଂ.୫୭୨/୨୦୧୯ରେ ତହସିଲ ପକ୍ଷରୁ ୪ ଡିସିମିଲ ଜମି ଓ ପଟ୍ଟା ଗଣପତିଙ୍କୁ ଯୋଗାଇ ଦିଆଯାଇଛି। କିନ୍ତୁ ଜମି ପାଇବା ପରେ ତାଙ୍କ ଘର କରିବା ସ୍ୱପ୍ନ ମଉଳିଯାଇଛି। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଜମିରେ ପୂର୍ବରୁ ଏକ ପୋଖରୀ ରହିଛି। ଏହାକୁ ପୋତିବା ପାଇଁ ଗଣପତିଙ୍କ ପାଖରେ ସମ୍ବଳ ନାହିଁ। ଆବାସିକ ଯୋଜନାରେ ଘର ପାଇଁ ଆବେଦନ କରିବାକୁ ଇଚ୍ଛା ଥିଲେ ମଧ ପୋଖରୀରେ କିପରି ନିର୍ମାଣ କାର୍ଯ୍ୟ କରିବେ ସେନେଇ ଗଣପତି ଚିନ୍ତିତ ହୋଇପଡ଼ିଛନ୍ତି। ଅପରପକ୍ଷେ ରହୁଥିବା କାର୍ଯ୍ୟାଳୟ ଗୃହଟି ଦୀର୍ଘ ବର୍ଷ ହେବ ଭାଙ୍ଗିରୁଜି ଯାଇଛି। ବର୍ଷାଦିନେ ଏହି ଘରୁ ପାଣି ଗଳିଥାଏ। ଏହି ସମୟରେ ଘର ଚାରି ପଟେ ପାଣି ଜମା ହୋଇ ରହୁଥିବାରୁ ବାହାରକୁ ବାହାରିବା କଷ୍ଟସାଧ୍ୟ ହୋଇପଡ଼େ। ଏହାବ୍ୟତୀତ ଭୋଟର ପରିଚୟପତ୍ର ଓ ଆଧାର କାର୍ଡରେ ଜନ୍ମ ତାରିଖ ଭୁଲ ଥିବାରୁ ବାର୍ଦ୍ଧକ୍ୟଜନିତ ଭତ୍ତା ପାଇପାରୁନାହାନ୍ତି ବୋଲି ଗଣପତି ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଘର ଖଣ୍ଡେ କରିବା ତାଙ୍କ ପାଇଁ ସାତସପନ ପାଲଟିଛି।

ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନା କୁହନ୍ତି, ଗଣପତିଙ୍କୁ ଯେଉଁ ଜମି ଯୋଗାଇ ଦିଆଯାଇଛି ଉକ୍ତ ଜମିକୁ ସେ ତଦନ୍ତ କରିଛନ୍ତି। ସ୍ଥାନଟି ଖାଲୁଆ ରହିଛି। ମାତ୍ର ଏବେ ଅମଲା ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲୁଥିବାରୁ ଜମିକୁ ମାପ କରାଯାଇପାରୁନାହିଁ। ରାଜସ୍ୱ ନିରୀକ୍ଷକ କାର୍ଯ୍ୟରେ ଯୋଗଦେବାପରେ ଏହାକୁ ମାପ କରାଯାଇ ମାଟି ପୋତିବାର ବ୍ୟବସ୍ଥା କରାଯିବ। ଭତ୍ତା ପ୍ରଦାନ ସମ୍ପର୍କରେ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ କୁହନ୍ତି,ଏ ସମ୍ବନ୍ଧରେ କୌଣସି ତଥ୍ୟ ତାଙ୍କ ପାଖରେ ଆଗରୁ ନ ଥିଲା। ଗଣପତିଙ୍କ ଭୋଟର ପରିଚୟ ପତ୍ରରେ ଜନ୍ମ ତାରିଖ ଭୁଲ୍ ଥିଲେ ତାହାକୁ ସଂଶୋଧନ କରାଯାଇ ଭତ୍ତା ଆବେଦନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## 'ଶହୀଦ ଦିବସରେ ନୀରବ ପ୍ରାର୍ଥନା'



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଗୃହରେ ନୀରବ ପ୍ରାର୍ଥନା କରାଯାଉଛି।

**ଜଗତ୍‌ସିଂହପୁର ଅଫିସ, ୩୦।୧**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସକୁ ସାରା ଦେଶରେ ଶହୀଦ ଦିବସ ଭାବେ ପାଳନ କରାଯାଉଛି । ଶନିବାର ସକାଳେ ଜଗତ୍‌ସିଂହପୁର ଥାନା ପରିସର ଓ ଗାନ୍ଧୀ ଛକରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ କୁମାର ଲେଙ୍କା ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପୌର କର୍ମଚାରୀଙ୍କ ସମେତ ସାଧାରଣ ଜନତା ଏହି ସମୟରେ ଉପସ୍ଥିତ ଥିଲେ । ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଉପଜିଲାପାଳ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଡେପୁଟି କଲେକ୍ଟର ଅଞ୍ଜଳୀ ତରାଇ, ସହକାରୀ ଜିଲାପାଳ ଅକ୍ଷୟ କୁମାର ବଡୁ, ଜିଲାପାଳଙ୍କ ଓଏସ୍‌ଡି ଡ. ଶଶାଙ୍କ ଶେଖର ଲେଙ୍କା ଏବଂ କର୍ମଚାରୀମାନେ ଏଥିରେ ଯୋଗଦେଇଥିଲେ।

## 'ପଞ୍ଚାୟତ ନିର୍ବାଚନ ଲାଗି କାମ କର'



କାର୍ଯ୍ୟକ୍ରମରେ ୩ ବିଧାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ।

**ରସୁଲପୁର,୩୦।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ବିଜେଡି କାର୍ଯ୍ୟାଳୟରେ ଏହି ବ୍ଲକରେ ସାମିଲଥିବା ୩ଟି ନର୍ବାଚନମଣ୍ଡଳୀ ଯଥା: ବରୀ, ଧର୍ମଶାଳା, କୋରେଇ ପକ୍ଷରୁ ଏକ ବନ୍ଧୁମିଳନ, ମିଶ୍ରଣ ପର୍ବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅରୁଣ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରୀ ବିଧାୟିକା ସୁନନ୍ଦା ଦାସ, କୋରେଇ ବିଧାୟକ ଅଶୋକ କୁମାର ବଳ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଯାଜପୁର ଜିଲା ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି, ଜିଲା ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ବ୍ଲକ ଯୁବ ବିଜେଡି ସଭାପତି ପ୍ରଫୁଲ୍ଲ ସାହୁ, ଛାତ୍ର ବିଜେଡି ସଭାପତି ଚନ୍ଦ୍ରଶେଖର ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନାର ବିବରଣୀ ପ୍ରଦାନ କରିଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପରେ ସିଂହାପୁର ସରପଞ୍ଚ ଆରତୀ ପହି, ପ୍ରଦୀପ୍ତ ନାୟକ, ଯୁବନେତା ଅନନ୍ତ କିଶୋର ସ୍ୱାଇଁ ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିଲେ। ୩ ବିଧାୟକ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାଛଡା ନୂତନ ଭାବରେ ରସୁଲପୁର ବ୍ଲକ ଅଞ୍ଚଳରୁ ରାଜ୍ୟ, ଜିଲା ଓ ବ୍ଲକ ସଂଗଠନର ଦାୟିତ୍ୱ ଗ୍ରହଣ କରିଥିବା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କ୍ରିକେଟ୍: ସିଂହପ୍ରହର ଟିମ୍ ଚାମ୍ପିୟନ

**ରାଜନଗର,୩୦।୧(ଡି.ଏନ.ଏ.)**

ମଦନପୁର ପଡିଆରେ ଚାଲିଥିବା ଯୋଗେନ୍ଦ୍ର ଦାସ ମେମୋରିଆଲ କ୍ରିକେଟ ପ୍ରିମିୟର ଲିଗର ଫାଇନାଲ ମ୍ୟାଚରେ ଓଡ୍ରିଆ କ୍ରିକେଟ ଟିମକୁ ୭ ଉଇକେଟରେ ହରାଇ ସିଂହପ୍ରହରର ଇଲେଭେନ ଷ୍ଟାର କ୍ରିକେଟ ଟିମ ଚମ୍ପିୟାନ ହୋଇଛି। ଟିକୁ ମ୍ୟାନ୍‌ଅଫ୍‌ଦିମ୍ୟାଚ୍‌ଓ ବିଶ୍ୱଜିତ୍‌ମ୍ୟାନ୍‌ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ସାମାଜିକ କର୍ମୀ ଦିଲ୍ଲୀପ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଦଳକୁ ଟ୍ରଫି ସହିତ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

## 'ପାଲାଗାୟକ ହିଁ ସଂସ୍କୃତିର ବାର୍ତ୍ତାବହ'

**ବିରିଡି, ୩୦।୧(ଡି.ଏନ୍.ଏ.)**

ପାଲାଗାୟକ ହିଁ ସଂସ୍କୃତିର ବାର୍ତ୍ତା ବହ ବୋଲି ଶାରଳା ପାଲା କଳାକାର ପରିଷଦର ୩୦ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବିରିଡି ବ୍ଲକର ମା'କନକ ସୁନ୍ଦରୀ ଠାକୁରାଣୀ ପୀଠରେ ଏହାକୁ ଆୟୋଜନ କରାଯାଇଥିଲା। ଶାରଳା ପାଲା କଳାକାର ପରିଷଦ, ଜଗତସିଂହପୁର ସଭାପତି ରବିନାରାୟଣ ତ୍ରିପାଠୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଜଗନ୍ନାଥ ସଂସ୍କୃତିରେ କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ସମ୍ପାଦକ ମନୋଜ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତାଭାବେ ଖବରଦାତା ମନୋଜ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ବିଶ୍ୱରଞ୍ଜନ କର, ଆଷାଢସାହିତ୍ୟ ସଂସଦର ସମ୍ପାଦକ ପୀତାମ୍ବର ମହାପାତ୍ର, ଖବରଦାତା ମାନସ କାନୁନଗୋ, ସୁକାନ୍ତ ପ୍ରଧାନ, ସନ୍ୟାସୀ ବୈରାଗୀ ଦାସ, ମା'କନକ ସୁନ୍ଦରୀ ପାଲା ଅନୁଷ୍ଠାନ ସଭାପତି ରବୀନ୍ଦ୍ର କୁମାର କର ଯୋଗ ଦେଇଥିଲେ। ଶେଷରେ ନାରାୟଣ ମହାରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୩ ଗ୍ରାମର ପାଲା ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।

## ଶରଣକୁଳରେ ବଧୂ ହତ୍ୟା, ସ୍ୱାମୀ ଅଟକ

**ନୟାଗଡ ଅଫିସ,୩୦।୧**

**୧୦ ଘଣ୍ଟା ଝୁଲିବା ପରେ ଜବତ ହେଲା ମୃତଦେହ**

ନୟାଗଡ ଜିଲା ଶରଣକୁଳ ଥାନା ସୁଆରସାହିରେ ସସ୍ମିତା ମହାପାତ୍ର (୩୮)ଙ୍କୁ ପରିବାର ଲୋକ ମାରି ଦଉଡିରେ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ପୋଲିସକୁ ଖବର ଦିଆଯାଇଥିଲା । ହେଲେ ପୋଲିସ ପହଞ୍ଚିବାକୁ ବିଳମ୍ବ ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରି କି ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଝୁଲି ରହିବା ପରେ ପୋଲିସ ମୃତଦେହ ଜବତ କରିଥିଲା । ଅଭିଯୋଗ ଅନୁସାରେ କଟକ ସଦର ଥାନା ଝିଙ୍କିରିଆ ଗାଁର ସୁମନ୍ତ ଦେବତାଙ୍କ ଝିଅ ସସ୍ମିତା ୨୦୧୭ ଜୁନ ୧୮ରେ ଶରଣକୁଳ ଥାନା ଶରଣକୁଳ ସୁଆର ସାହିର ଅଖିଳ(୩୯)ଙ୍କୁ ବିବାହ କରିଥିଲେ । ବିବାହ ସମୟରେ ଦାବି ମୁତାବକ ଯୌତୁକ କନ୍ୟା ଘର ପକ୍ଷରୁ ଦିଆଯାଇଥିଲା । ତେବେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ସସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ । ଏହି ଦମ୍ପତିଙ୍କ ୩ ବର୍ଷର ଝିଅ ଅଛି । ଏନେଇ ଆଇଆଇସି ବିମଳ ମଲ୍ଲିକ କହିଛନ୍ତି, ସସ୍ମିତାଙ୍କ ବାପାଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ୧୫/୨୧) ରୁଜୁ କରି ତଦନ୍ତ କରୁଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସସ୍ମିତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି ।

## କରଦାରେ ଗାନ୍ଧୀଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚିତ



**ପାଣିକୋଇଲି, ୩୦।୧(ଡି.ଏନ.ଏ.)**

**ଲକ୍‌ଡାଉନ ବେଳେ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲା**

କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଗାନ୍ଧୀପୀଠଠାରେ ଶନିବାର ମହାତ୍ମାଗାନ୍ଧୀଙ୍କ ନୂତନ ପ୍ରତିମୂର୍ତ୍ତିକୁ କୋରେଇ ବିଧାୟକ ଅଶୋକ କୁମାର ବଳ ଉନ୍ମୋଚିତ କରିଛନ୍ତି। ସରପଞ୍ଚ ଗଣେଶ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଚିନ୍ତାମଣି ବେହେରା, ଚନ୍ଦ୍ରମଣି ଚୌଧୁରୀ, ପୂର୍ବତନ ସରପଞ୍ଚ ପଙ୍କଜିନୀ ସାହୁ, କୃଷକ ନେତା ବଳରାମ ସାହୁ, ଆଇନଜୀବୀ ପ୍ରମୋଦ କୁମାର ପଣ୍ଡା, ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ବିଜେଡି ଜିଲା ସମ୍ପାଦକ ତାରକେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ଗାନ୍ଧୀ ପ୍ରତିମୂର୍ତ୍ତି ଉନ୍ମୋଚନ ନେଇ ସମସ୍ତଙ୍କ ମନରେ ଉତ୍ସାହ ଦେଖାଦେଇଥିଲା। ୧୯୭୨ ମସିହାରେ ଶିକ୍ଷାବିତ୍ ସ୍ୱର୍ଗତ ରଘୁନାଥ ସାହୁଙ୍କ ନେତୃତ୍ୱରେ କରଦାଠାରେ ଏକ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ସେବେଠାରୁ ଏହା ଗାନ୍ଧୀପୀଠ ଭାବେ ଘୋଷିତ ହୋଇଥିଲା। ମାତ୍ର ଲକ୍‌ଡାଉନ୍‌ର ସୁଯୋଗ ନେଇ କେହି ଦୁର୍ବୃତ୍ତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିଲା। ଏ ନେଇ ସରପଞ୍ଚ ସାହୁ ଥାନାରେ ଅଭିଯୋଗ କରିଥିଲେ।

## ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ

**କେନ୍ଦ୍ରାପଡା ଅଫିସ, ୩୦।୧**

ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ପାଳିତ ହୋଇଛି। କେନ୍ଦ୍ରାପଡା ଜିଲା ସ୍ୱାଧୀନତା ସଂଗ୍ରାମ ସମିତି ଓ ୧୫୦ତମ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ଗରାପୁରରେ ସ୍ଥାପିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସଂଗ୍ରାମ ସମିତି ସଭାପତି ବିମ୍ବାଧର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ଜେନା, ଶିକ୍ଷାବିତ୍ ନନ୍ଦ କିଶୋର ପରିଡା, ଅଜୟ ସାମଲ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଗାନ୍ଧିଜୀଙ୍କ ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ସ୍ଥାନୀୟ ଅଞ୍ଚଳରେ ହୋଇଥିବା ପଦଯାତ୍ରାର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସଭାପତି ମୁଦୁଲି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବେହେରା, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ସାହୁ ଓ ଫକୀର ଚରଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଜଳାସ୍ଥିତ କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ବହୁ ନେତା ଓ କର୍ମୀ ଯୋଗ ଦେଇ ଗାନ୍ଧିଜୀଙ୍କ ବିଚାରଧାରା ସମ୍ପର୍କରେ ଆଲୋଚନା କରିଥିଲେ । ସହରର ପୁରୁଣା ବସଷ୍ଟାଣ୍ଡରେ ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ହିରଣ୍ୟ ପଣ୍ଡା, ଅମରବର ବିଶ୍ୱାଳ ପ୍ରମୁଖ ଗାନ୍ଧିଜୀ ଓ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିସହ ସହର ଓ ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶହୀଦ ଦିବସ ଉପଲକ୍ଷେ ସଭା ଆୟୋଜିତ ହୋଇଥିଲା ।

## ରୋଗୀ କଲ୍ୟାଣ ସମିତି ବୈଠକ

**ଖଣ୍ଡପଡା,୩୦।୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡା ଓ ରୟତଡୋଲମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଏହି ୨ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଉନ୍ନତିକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ମଞ୍ଜୁର ଅନୁଦାନ ଅର୍ଥର ବିନିଯୋଗ ନେଇ ଆଲୋଚନା ହୋଇଥିଲା। ନିୟମିତ ରୋଗୀ କଲ୍ୟାଣସମିତି ବୈଠକ ବସୁ ନ ଥିବାରୁ ଅଧିକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ।

## ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର

**ବିଞ୍ଝାରପୁର,୩୦।୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିତନାସ୍ଥିତ ଜୁଣଭଦ୍ରା ମହାବିଦ୍ୟାଳୟ ୧୯୯୭ ମସିହା ଯୁକ୍ତ ୩ ପାସ୍ ଆଉଟ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ଦହିଖିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ମୁଖ୍ୟଅତିଥି ରୂପେ ମହାବିଦ୍ୟାଳୟ ଅଧକ୍ଷ ସୁନାକର ମହାକୁଡ଼, ବରିଷ୍ଠ ଅଧାପକ ଦିଲ୍ଲୀପ କୁମାର ଦାସ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ୨୫ବର୍ଷ ପରେ ଏହି ପୁରାତନ ଛାତ୍ରୀଛାତ୍ର ଏକାଠି ହୋଇଥିବାରୁ କଲେଜ ଜୀବନର ସ୍ମୃତି ସାଉଁଟି ଭାବବିହ୍ୱଳ ହୋଇଥିଲେ। ଏଥିରେ ପୁରାତନ ଛାତ୍ରୀ ତୃପ୍ତି ଦାସ, ଦିଲୀପ ନାୟକ, ମୃତ୍ୟୁଞ୍ଜୟ ରାଉତରାୟ, ବୀଣାପାଣି ଜେନା, ବନଜ୍ୟୋତ୍ସ୍ନା ନାୟକ, ସୁଶାନ୍ତ ଜେନା, ବୃନ୍ଦାବନ ସି, ସ୍ମୃତିରେଖା ବେହେରା, ସୁମନ୍ତ ଜେନା, ଲକ୍ଷ୍ମୀନାରାୟଣ ମିଶ୍ର, ଦିବାକର ମହାଳିକ, ସୁଶୀଲ କୁମାର ଦାସ, ଚନ୍ଦନ ନାୟକ ଓ ନୀଳିମା ବାରିକଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।




ବନ୍ଧୁ ମିଳନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ନିଳିକଣା-ବଣହରା ରାସ୍ତା କାମ ଅଧାରେ ବନ୍ଦ

**ଡେରାବିଶ, ୩୦।୧(ସ୍ୱ.ପ୍ର.)**



ନିଳିକଣା–ବଣହରା ପୂର୍ତ୍ତ ବିଭାଗ ରାସ୍ତା।

୫୩ ନଂ(କ) ଜାତୀୟ ରାଜପଥର ଅଁଳାବାଙ୍କଠାରୁ କେନ୍ଦ୍ରାପଡ଼ା ବ୍ଲକର ବଣହରାକୁ ମୁଖ୍ୟ ରାସ୍ତାଟି ଯାଇଛି। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ରାସ୍ତାଟି ଖାଲଖମା ହୋଇଯିବାରୁ ବିଭାଗୀୟ ସ୍ତରରେ ଟେଣ୍ଡର କରାଯାଇ କାମ କରିବାକୁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଜାତୀୟ ରାଜପଥର ନିଳିକଣାଠାରୁ ବାରବାଟିଆ ଯାଏ ୨ କିମି ପୁରୁଣା ରାସ୍ତାରୁ ଠିକାଦାର ଗୋଡ଼ି ଉଠାଇ ଅଧାରେ କାମ ବନ୍ଦ କରି ଦେଇଥିଲେ। ଏହି ରାସ୍ତାର କେତେକ ସ୍ଥାନରେ ପୂର୍ବଭଳି ଖାଲଖମା ଥିବାରୁ ରାସ୍ତାଟି ବର୍ତ୍ତମାନ ମରଣଯନ୍ତା ପାଲଟିଛି। ରାସ୍ତା ଦେଇ ଯାତାୟାତ କରୁଥିବା ଦୈନିକ ଶତାଧିକ ଦୁଇଚକିଆ, ଚାରିଚକିଆ ଯାନ ପାଇଁ ସମସ୍ୟା ସୃଷ୍ଟି କରୁଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଭାଗୀୟ ସ୍ତରରେ ପ୍ରତ୍ୟେକ ନବନିର୍ମିତ ରାସ୍ତାରେ ସୂଚନା ଫଳକ ମରାଯିବାର ବ୍ୟବସ୍ଥା ରହିଛି। ହେଲେ ଏହି ରାସ୍ତାରେ କୌଣସି ସୂଚନା ଫଳକ ନ ଥିବାରୁ ରାସ୍ତା ନିର୍ମାଣ ପାଇଁ ବ୍ୟୟ ଅଟକଳ, କାର୍ଯ୍ୟ ଆରମ୍ଭ ଓ ଶେଷ କେବେ ହେବ ସେ ନେଇ ସ୍ଥାନୀୟ ଲୋକେ କିଛି ଜାଣିପାରୁନାହାନ୍ତି। ଏ ସଂକ୍ରାନ୍ତରେ ଆଇନଜୀବୀ ଖଗେଶ୍ୱର ଲେଙ୍କା କୁହନ୍ତି, ରାସ୍ତା ନିର୍ମାଣ ଆମ ଅଞ୍ଚଳକୁ ଯେପରି ଅଭିଶାପ ଭଳି ଲାଗୁଛି। ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ପାଇଁ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ପଦକ୍ଷେପ ଶୂନ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଡିଭିଜନ୍-୧ର ନିର୍ବାହୀଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କୁ ପଚାରିବାରେ ନିର୍ମାଣାଧୀନ ରାସ୍ତା ବୁଲି ଦେଖିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଥିଲେ।

